ଧରିତ୍ରୀ
DHARITRI
July 25-31, 2021 ₹ 2/-

# ଛୁଟିଦିନ

# କଥା କାରଗିଲର



୩
ପ୍ରଚ୍ଛଦ ପ୍ରସଙ୍ଗ

ପାକିସ୍ତାନୀ ସୈନ୍ୟ କାର୍‌ଗିଲ ସେକ୍ଟରରେ ଥିବା ଭାରତୀୟ ସୀମାକୁ ଉଲ୍ଲଙ୍ଘନ କରି ତାକୁ ଅକ୍ତିଆର କରିନେଇଥାଆନ୍ତି। ସେମାନଙ୍କୁ ପାଲଟା ଜବାବ ଦେବା ପାଇଁ ହିଁ ଆରମ୍ଭ ହୋଇଥିଲା 'କାର୍‌ଗିଲ ଯୁଦ୍ଧ' । ଆଉ ଶେଷରେ ଭାରତୀୟ ସେନା ଭାରତ ମାତାର ମଥାରେ ପିନ୍ଧେଇଥିଲେ ବିଜୟର ତିଳକ । ଯା' ମଧ୍ୟରେ ବିତିଗଲାଣି ୨୨ ବର୍ଷ । ତଥାପି ଯୁଦ୍ଧଭୂମିରୁ ସୁରକ୍ଷିତ ଫେରିଥିବା ବୀର ଯବାନଙ୍କ ମନରୁ ଲିଭିନି ତା'ର ସ୍ମୃତି ...

ସହରଠୁ ଦୂର
୧୩



# ସୁସ୍ୱାସ୍ଥ୍ୟ ପାଇଁ ପାନୀୟ

**ଅବ୍ୟବସ୍ଥିତ ଜୀବନଶୈଳୀ ତଥା ପୁଷ୍ଟିହୀନ ଖାଦ୍ୟପେୟର କୁପ୍ରଭାବ ସିଧାସଳଖ ଆମ ଶରୀର ଉପରେ ପଡ଼ିଥାଏ। ସେଥିପାଇଁ ନିଜ ଖାଦ୍ୟତାଲିକା ଓ ଜୀବନଶୈଳୀ ଉପରେ ବିଶେଷ ଧ୍ୟାନ ଦେବା ଆବଶ୍ୟକ। ଖାସ୍ କରି ସକାଳ ସମୟରେ କେଉଁ ପାନୀୟ ପିଇଲେ ଶରୀର ଫୂର୍ତ୍ତି ରହିବା ସହ ତ୍ୱଚା ଉଜ୍ଜ୍ୱଳ ଦେଖା ଯାଇଥାଏ ଆସନ୍ତୁ ଜାଣିବା ସେ ସମ୍ପର୍କରେ...**



**✲ପାଣି:** ସକାଳୁ ଉଠିବା ମାତ୍ରେ ଏକ ବା ଦୁଇ ଲିଟର ପାଣି ପିଇଲେ ଶରୀରରେ କୋଷ୍ଠକାଠିନ୍ୟର ସମସ୍ୟା ଦେଖାଯାଇ ନଥାଏ, ଯଦ୍ୱାରା କାମ କରିବାକୁ ଫୂର୍ତ୍ତି ଲାଗିବା ସହ ତ୍ୱଚାରେ ଚମକ ଆସିଥାଏ।

**✲ମହୁ ଓ ଲେମ୍ବୁ ପାଣି:** ପ୍ରତିଦିନ ସକାଳେ ପାଣିରେ ୨/୩ ଚାମଚ ମହୁ ସହ ଏକ ଚାମଚ ଲେମ୍ବୁରସ ପିଇଲେ ଶରୀରର ଓଜନ କମେ। ମହୁରେ ଥିବା ଆଣ୍ଟି-ଏଜିଙ୍ଗ୍ ପୋଷକ ତତ୍ତ୍ୱ ତ୍ୱଚାକୁ ମଇଶ୍ଚରାଇଜ୍ କରେ।

**✲ଫ୍ରୁଟ୍ ଜୁସ୍:** ଫଳରେ ବିଭିନ୍ନ ପ୍ରକାର ଭିଟାମିନ୍ ତଥା ପୋଷକ ତତ୍ତ୍ୱ ଭରି ରହିଥାଏ। ଏହାକୁ ସକାଳେ ପିଇବା ଦ୍ୱାରା ଶରୀରରେ ଶକ୍ତି ସଞ୍ଚାର ହେବା ସହ ମୁଖବ୍ରଣ ସମସ୍ୟାରୁ ମୁକ୍ତି ମିଳିଥାଏ।

**✲ଗ୍ରୀନ୍ ଟି:** ସକାଳେ ଚା ପିଇବାର ଅଭ୍ୟାସ ଥିଲେ, କ୍ଷୀର ଚା ପରିବର୍ତ୍ତେ ଗ୍ରୀନ୍ ଟି କିମ୍ବା ଲେମନ୍ ଟି ପିଇଲେ ତ୍ୱଚାରେ ପ୍ରାକୃତିକ ଉପାୟରେ ଗ୍ଲୋ ଆସିଥାଏ।

**✲ହଳଦୀ ମିଶା କ୍ଷୀର:** ହଳଦୀ ଏକପ୍ରକାର ଔଷଧି ଅଟେ। ଏହା ଶରୀରରେ ଆଣ୍ଟିବାୟୋଟିକ୍ ରୂପେ କାମ କରିଥାଏ। ଆଣ୍ଟି-ଅକ୍ସିଡାଣ୍ଟ ତତ୍ତ୍ୱରେ ମଧ୍ୟ ଏହା ବେଶ୍ ସମୃଦ୍ଧ, ଯାହା ବ୍ୟକ୍ତିଙ୍କ ବୟସ ବୃଦ୍ଧିକୁ ଧିମା କରିଥାଏ। ନିୟମିତ ସକାଳେ ଉଷୁମ କ୍ଷୀର ହେଉ ଅବା ଉଷୁମ ପାଣିରେ କିଛି ହଳଦୀ ମିଶାଇ ପିଇଲେ ତ୍ୱଚା ସୁସ୍ଥ ରହିଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁଲାଇ ୨୫-୩୧

**ମେଷ:** ନୂତନ କର୍ମାରମ୍ଭ, କଠିନଶ୍ରମରୁ ଅସୁସ୍ଥତା, ପରିବାରରେ ଆନନ୍ଦ, ଆର୍ଥିକ ସଂକଟରୁ ବ୍ୟସ୍ତତା, ସହକର୍ମୀଙ୍କ ଈର୍ଷା, ଜମିଜମା କାରବାର, ଅଗ୍ରଗତିରେ ପ୍ରତିବନ୍ଧକ, ଯୁକ୍ତିତର୍କରୁ କଳହ, ସାହିତ୍ୟକୃତିରୁ ପ୍ରଶଂସା।

**ବୃଷ:** କର୍ମାରମ୍ଭରେ ପ୍ରତିବନ୍ଧକ, ରାଜନୈତିକ ଅସ୍ଥିରତା, ଅପ୍ରତିଦ୍ୱନ୍ଦ୍ୱୀ ରହିବେ, ମାଙ୍ଗଳିକ କର୍ମ ସମ୍ପାଦନ, ଲଘୁ କ୍ରୋଧରୁ କଳହ, ତ୍ୱରାନ୍ୱିତ କାର୍ଯ୍ୟ, ଧାତୁ ଅଳଙ୍କାର କ୍ରୟ, ଆୟକର ସମସ୍ୟା।

**ମିଥୁନ:** ଦୁଃଖଦ ଅନୁଭୂତି, ଦୁର୍ବଳ ଆର୍ଥିକ ସ୍ଥିତି, ଆମଦାନୀ ବଢ଼ିବ, କ୍ରନିକ୍ ରୋଗରେ ପୀଡ଼ା, ପଡ଼ୋଶୀଙ୍କ ଝାମେଲା, ସାଂସ୍କୃତିକ କାର୍ଯ୍ୟକ୍ରମ, ମିତ୍ରବନ୍ଧୁ ଆସିବେ, ଜନସମ୍ପର୍କ ବଢ଼ିବ, ଆଶଙ୍କା ଦୂର ହେବ, ପ୍ରକାଶନର ସମ୍ପ୍ରସାରଣ।

**କର୍କଟ:** ଉତ୍ସାହିତ ରହିବେ, କାର୍ଯ୍ୟଶୈଳୀର ପରିବର୍ତ୍ତନ, ପ୍ରଗତିର ଅଗ୍ରଗତି, ରୁଦ୍ଧଦ୍ୱାର ଖୋଲିଯିବ, କଳାରେ ଉତ୍କର୍ଷତା, ଅପ୍ରୀତିକର ପରିସ୍ଥିତି, ପାରିବାରିକ ଅଶାନ୍ତି, ସାମୟିକ ଅର୍ଥ ସଙ୍କଟ, ଫ୍ଲାଟ୍ କାରବାରରେ ପ୍ରତୀକ୍ଷା, ବକେୟା ପ୍ରାପ୍ୟ ମିଳିବ।

**ସିଂହ:** ନୂତନ ଯୋଜନା, ଅବିଶ୍ରାନ୍ତ କର୍ମ, ସାମାଜିକ ପ୍ରତିଷ୍ଠା, ଅନୁକୂଳ କର୍ମକ୍ଷେତ୍ର, ସହଯୋଗ କମିବନି, ଯାନବାହନରେ ତ୍ରୁଟି, ପବ୍ଲିକେଶନ୍‌ରେ ବିଳମ୍ବ, କୂଟନୈତିକ ସଫଳତା, ଗୃହରେ ଶୁଭକାର୍ଯ୍ୟ।

**କନ୍ୟା:** ଅର୍ଥନୈତିକ ଅଭିବୃଦ୍ଧି, ପାରିବେଶିକ କୁପ୍ରଭାବ, ଅସହିଷ୍ଣୁ ବନ୍ଧୁବର୍ଗ, ସହକର୍ମୀଙ୍କ ସହାନୁଭୂତି, ମାଲିମକଦ୍ଦମାରେ ବିଜୟ। ରାଜନୀତିରେ ବିବାଦ, ସଭାସମିତିକୁ ନିମନ୍ତ୍ରଣ, ଆନୁଷ୍ଠାନିକ କାମରେ ପ୍ରତିଦ୍ୱନ୍ଦ୍ୱିତା, ସ୍ୱାସ୍ଥ୍ୟହାନିଜନିତ ଦୁଶ୍ଚିନ୍ତା, କର୍ମକ୍ଷେତ୍ରରେ ଅଶାନ୍ତ ବାତାବରଣ।

**ତୁଳା:** ଅର୍ଥ ସମ୍ମାନଲାଭ, ମାନସିକ ଶାନ୍ତି, ନୂତନ ଗୃହ ନିର୍ମାଣ, ଯାନବାହନ କ୍ରୟ, ପରିବାରରେ କଳହ। ବନ୍ଧୁଙ୍କ ଭୁଲ୍ ବୁଝାମଣା, କଚେରି ମାମଲାରେ ବାଇଦା, ଗୁପ୍ତଶତ୍ରୁଙ୍କ ବାଧକ, ସାଙ୍ଗଠନିକ ଦୁର୍ବଳତା, ସାମ୍ବାଦିକତାରୁ ଗୌରବ।

**ବିଛା:** ସ୍ଥଗିତ କାର୍ଯ୍ୟାରମ୍ଭ, ହିତୈଷୀଙ୍କ ସାହାଯ୍ୟ, ପଡ଼ୋଶୀଙ୍କ ସହାନୁଭୂତି, ସାହିତ୍ୟାନୁରାଗ, କ୍ରୀଡ଼ାରେ ସଫଳତା, ଶିଳ୍ପ ବାଣିଜ୍ୟରେ ଉନ୍ନତି, ପରିବହନରେ ଅସନ୍ତୋଷ, ସନ୍ଦେହରୁ କଳହ।

**ଧନୁ:** କାର୍ଯ୍ୟସିଦ୍ଧି, ଦୁଃସାହସିକ କର୍ମ, ପ୍ରତିଯୋଗିତାରେ ସଫଳତା, ବକେୟା ଆଦାୟ କରିବେ, ସମ୍ପର୍କୀୟଙ୍କ ବିତର୍କ, ସ୍ନାୟବିକ ଦୁର୍ବଳତା। ନିରୁତ୍ସାହିତ ରହିବେ, ସରକାରୀ ସୁବିଧା ପ୍ରାପ୍ତି, ନୀଚ ସଂସର୍ଗରୁ ଅପନିନ୍ଦା।

**ମକର:** ଉନ୍ନତିମୂଳକ କାର୍ଯ୍ୟ, ବୁଝାମଣାରେ ଉନ୍ନତି, ଆତ୍ମୀୟଙ୍କ ଅନୁରକ୍ତି, ଆତ୍ମସନ୍ତୋଷ ପାଇବେ, ପୁରୁଣା ସମସ୍ୟାରୁ ଦୁଶ୍ଚିନ୍ତା, ମକଦ୍ଦମା ଫଇସଲା, ପ୍ରତିଦ୍ୱନ୍ଦ୍ୱିତା ବଢ଼ିବ, ବିଦେଶ ଯାତ୍ରାର ସୁଯୋଗ, ଗବେଷଣାରୁ ସୁନାମ।

**କୁମ୍ଭ:** ଆଶଙ୍କାଗ୍ରସ୍ତ ହେବେ, ଉଦ୍‌ବେଗ ବଢ଼ିବ, ସାମୟିକ ଅସୁସ୍ଥି, ନୂତନ ବନ୍ଧୁତ୍ୱ, ବନ୍ଧୁସମାଗମ, ଯାନବାହନରେ ସଂସ୍କାର। ପରିଜନ ସହ ଭ୍ରମଣ, ଉତ୍ପାଦନ ବଢ଼ିବ, ଧର୍ମୀୟ କାର୍ଯ୍ୟ କରିବେ, ଋଣଗ୍ରସ୍ତ ହେବେ, ସମ୍ପର୍କହାନି ଘଟିବ।

**ମୀନ:** ମାନସିକ ଅସ୍ଥିରତା, ଆବିଳତା ବଢ଼ିଯିବ, ପରୋକ୍ଷ ଶତ୍ରୁତା, ଅଧସ୍ତନଙ୍କ ନିଃସ୍ପୃହତା, ପ୍ରତିବନ୍ଧକ ଦୂରେଇବ, ବିଳାସବ୍ୟସନରେ ରୁଚି, ଅଚାନକ କଳହ, ପାରିବାରିକ ସଦ୍ଭାବ, ସତ୍‌ସଙ୍ଗ ଲାଭ, ପ୍ରଶାସନିକ ସଫଳତା, ପୁରାତନ ରୋଗରେ ପୀଡ଼ା।

# ଉପକାରୀ ଡାଲଚିନି



ଡାଲଚିନିକୁ ସାଧାରଣତଃ ଏକ ମସଲା ଦ୍ରବ୍ୟ ଭାବେ ବ୍ୟବହାର କରାଯାଇଥାଏ। କିନ୍ତୁ ଏହାର ସେବନ ଦ୍ୱାରା ଶରୀରକୁ କ'ଣ ସବୁ ଉପକାର ମିଳିଥାଏ ସେ ବିଷୟରେ ଅନେକେ ଅଜ୍ଞ ଥାଆନ୍ତି। କୁହାଯାଏ, ପେଟ ଦରଜ ଥିଲେ କିମ୍ବା ବଦହଜମି ଯୋଗୁ ଛାତି ଜଳାପୋଡା ହେଉଥିଲେ ସମାନ ପରିମାଣର ଡାଲଚିନି, ସୁଣ୍ଠି, ଜିରା ଏବଂ ଅଳେଇଚକୁ ନେଇ ତାକୁ ଭଲ ଭାବେ ଗୁଣ୍ଡ କରି ଗରମ ପାଣି ସହ ସେବନ କଲେ ଏ ସମସ୍ୟାରୁ ଶୀଘ୍ର ମୁକ୍ତି ମିଳିଥାଏ। ସେହିପରି ଅଳ୍ପ କିଛି ଡାଲଚିନି ଗୁଣ୍ଡକୁ ପାଣିରେ ଫୁଟାଇ ସେଥିରେ କିଛି ଗୋଲମରିଚ ଗୁଣ୍ଡ ଓ ମହୁ ମିଶାଇ ପିଇଲେ ଥଣ୍ଡା, କାଶ ତଥା ତଣ୍ଟି ଗତଗତ ହେବା ସମସ୍ୟାରୁ ଉପଶମ ମିଳିଥାଏ। ପ୍ରସବ ପରେ ଏକ ମାସ ଧରି ପ୍ରତିଦିନ କିଛି କିଛି ଡାଲଚିନି ଚୋବାଇ ଖାଇଲେ ଅସାବଧାନତା ଯୋଗୁ ପୁନର୍ବାର ଗର୍ଭଧାରଣ କରିବାର ସମସ୍ୟାରୁ ମୁକ୍ତି ମିଳିଥାଏ ବୋଲି ଅନେକଙ୍କର ବିଶ୍ୱାସ ରହିଛି। ତା'ଛଡ଼ା ଡାଲଚିନି ଖାଇବା ଦ୍ୱାରା ମା'ମାନଙ୍କର କ୍ଷୀର ମଧ୍ୟ ଭଲ ହୋଇଥାଏ। ଖାଦ୍ୟର ସ୍ୱାଦ ବଢାଇବାରେ ମଧ୍ୟ ଡାଲଚିନିର ବିଶେଷ ଭୂମିକା ରହିଥାଏ। ପାଟି ଦୁର୍ଗନ୍ଧ ହେଉଥିଲେ କିମ୍ବା ଦାନ୍ତ ଦରଜ ଥିଲେ ଡାଲଚିନିକୁ ଧୀରେ ଧୀରେ ଚୋବାଇ ଖାଇଲେ ସାମାନ୍ୟ ଉପଶମ ମିଳିଥାଏ।

# ପାଠକୀୟ

✲ ମହାପ୍ରଭୁ ଶ୍ରୀଜଗନ୍ନାଥ। ଦାରୁଦିଅଁ ଭାବେ ଜଗତେ ଖ୍ୟାତ। ସେ ଯେପରି ଅନନ୍ୟ, ତାଙ୍କ ନୀତିକାନ୍ତି ବି ସେପରି ସ୍ୱତନ୍ତ୍ର। ତାଙ୍କ ସେବାରେ କେବଳ ବୟସ୍କ କି ଯୁବକ ନୁହନ୍ତି ବାଳକ ବି ହୁଅନ୍ତି ସାମିଲ। ତେଣୁ ସେ ସମସ୍ତଙ୍କର, ସାରା ଜଗତର କାଳିଆ ଠାକୁର। ତେଣୁ ଏଭଳି ଏକ ଅନନ୍ୟ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ମହାପ୍ରଭୁଙ୍କ ସେବାରେ ବାଳକ' ଏକ ସୁନ୍ଦର ଆଲେଖ୍ୟ ଥିଲା। ସେହିପରି ଏଥରର ବାସ୍ତୁ ସ୍ତମ୍ଭରୁ 'ଘରେ କ'ଣ ଥିଲେ ମା' ଲକ୍ଷ୍ମୀ ହେବେ ଅସନ୍ତୁଷ୍ଟ' ସମ୍ପର୍କରେ ଅନେକ କିଛି ଅଜଣା କଥା ଶିଖିବାକୁ ମିଳିବାରୁ ଖୁସି ଲାଗିଲା।

*-ସୁରେଶ କୁମାର ପ୍ରଧାନ, ଝାରସୁଗୁଡ଼ା*

✲ ଶ୍ରୀମନ୍ଦିର ଉପାସନା ଧାରାରେ ଏକ ଅନନ୍ୟ ଆକର୍ଷଣ ବାଳକ ସେବା। ମୁଖ୍ୟତଃ ମୁଦିରଥ (ମୁଦିରସ୍ତ), ଦଇତା ଓ ଦତ୍ତ ମହାପାତ୍ର ପରିବାରର ବାଳକ, କିଶୋର ସାଜନ୍ତି ସେବକ। ତେଣୁ ଏଭଳି ଏକ ନିଆରା ପରମ୍ପରା ସମ୍ପର୍କରେ ଆହୁରି ଅନେକ କିଛି ତଥ୍ୟ ଜାଣିବାକୁ ମିଳିଲା ଏଥରର ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ମହାପ୍ରଭୁଙ୍କ ସେବାରେ ବାଳକ'ଟିରୁ, ତେଣୁ ଭାରି ଖୁସି ଲାଗିଲା। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ ଓଡ଼ିଆ ସଙ୍ଗୀତ ଜଗତର ଏକ ଉଜ୍ଜ୍ୱଳ ତାରକା ଭାବେ ପରିଚିତ ସୁବାସ ଦାଶଙ୍କ ଜୀବନୀ ସମ୍ପର୍କରେ ବହୁ ଜାଣିବାକୁ ମିଳିଲା।

*-ମାନିନୀ ମହାପାତ୍ର, ଶୀରୁଳି ମହାବୀର ଲେନ୍, ପୁରୀ*

✲ଉକ୍ତ ସଂଖ୍ୟାର ସିନେମା ପୃଷ୍ଠାଟି ମଧ୍ୟ ବେଶ୍ ଆକର୍ଷଣୀୟ ହୋଇଥିଲା। ଏଥିରେ ସ୍ଥାନିତ 'ସତ ହେଲା ଶିଳ୍ପାଙ୍କ ଅନୁମାନ', 'ଟାଇଟଲ୍ ପାଇଁ ଟେନ୍‌ସନ', 'ଧଡକନ୍‌ରେ ତୁ' ଆଦି ପାଠଗୁଡ଼ିକୁ ଅତି ଚମତ୍କାର ଭାବେ ଉପସ୍ଥାପନା କରାଯାଇଥିଲା। ସେହିପରି ପ୍ରଥମ ରୋଜଗାରରୁ ଓଡ଼ିଶୀ ନୃତ୍ୟଗୁରୁ ଲିଙ୍ଗରାଜ ସ୍ୱାଇଁଙ୍କ ରୋଜଗାର ସମ୍ପର୍କିତ ଲେଖାଟି ପଢ଼ିଲି, ମୋତେ ଭାରି ଭଲ ଲାଗିଲା। ସାଥୀର ଉତ୍ତରଗୁଡ଼ିକ ବି ଖୁବ୍ ମନଛୁଆଁ ହୋଇଥିଲା।

*-ତାରିଣୀ ମିଶ୍ର, ଜୟଦେବ ବିହାର, ଭୁବନେଶ୍ୱର*

✲ଦୁନିଆରେ ଏମିତି ବି କେତେକ ମନ୍ଦିର ଅଛି, ଯେଉଁଠାକୁ ପୁରୁଷମାନଙ୍କର ପ୍ରବେଶକୁ ବାରଣ କରାଯାଇଥାଏ। ସେହିଭଳି କିଛି ମନ୍ଦିର ସମ୍ପର୍କରେ ଏଥରର ଛୁଟିଦିନରେ ପ୍ରକାଶିତ ସ୍ୱତନ୍ତ୍ର ଆଲେଖ୍ୟ 'ମନ୍ଦିର: ପୁରୁଷଙ୍କୁ ପ୍ରବେଶ ମନା'ରୁ ଜାଣିବାକୁ ମିଳିଲା। ମଡେଲ୍ ମିରର୍‌ରେ 'ନିକିତା' ବେଶ୍ ସୁନ୍ଦରୀ ଲାଗୁଥିଲେ। ସେହିପରି ଝରଣାର ଗନ୍ତାଘର 'ଅଥିରାପ୍ପିଲ୍ଲୀ' ସମ୍ପର୍କରେ ବହୁ ଅଜଣା କଥା ସହର ପୃଷ୍ଠାରୁ ଜାଣିହେଲା।

*-ମନ୍ଦୋଦରୀ ସାହୁ, କେନ୍ଦୁଝର*

✲ଏଥରର ବିବିଧା ପୃଷ୍ଠାରେ ସ୍ଥାନିତ 'ବତକର କୁଲ୍ ହେୟାରଷ୍ଟାଇଲ' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଟିଥ୍ ପଲିଶ୍' ଏବଂ 'ଛଅ ମାସର ଶିଶୁ କରୁଛି ୱାଟର ସ୍କିଂ' ଓ 'ପାସେଞ୍ଜର ପୁଶର୍' ଆଦି ପାଠଗୁଡ଼ିକ ଯେତିକି ବିସ୍ମୟକର ଥିଲା ସେତିକି ମଜାଦାର୍ ବି ଲାଗୁଥିଲା।

*-ଚିନ୍ମୟୀ ବିଶ୍ୱାଳ, କେନ୍ଦ୍ରାପଡ଼ା*

## ବିଶେଷ ଚିଠି



ଛୁଟିଦିନ ଆହେ ଛୁଟିଦିନ
ତୁମେ ତ ସଭିଙ୍କ ପ୍ରିୟତମ,
ପ୍ରଚ୍ଛଦ ତୁମର ଭାରି ବଢ଼ିଆ
ଶିଖାଏ କେତେ କଥା ନୂଆ,
ସାଥୀ କହୁଥାଏ ସୁନ୍ଦର କଥା
ଦୂରେଇ ଦିଏ ମନରୁ ବ୍ୟଥା,
ସିନେମା ପୃଷ୍ଠା ବି ଚମତ୍କାର
ପ୍ରେରଣା ଦିଏ ପୁଣି ପ୍ରଥମ ରୋଜଗାର,
ଏହିପରି ଷୋହଳ ପୃଷ୍ଠାରେ ତୁମେ ଆସ
ସର୍ବଦା ସଭିଙ୍କ ମନରେ କର ବାସ।

*-ଅଶୋକ କୁମାର ମହାନ୍ତି,*
*ଚକ୍ରତୀର୍ଥ ରୋଡ, ପୁରୀ-୨*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com




# କଥା କାର୍‌ଗିଲର


୧୯୯୯ ମସିହା ମେ’ ମାସର କଥା । ପାକିସ୍ତାନୀ ସୈନ୍ୟ କାର୍‌ଗିଲ ସେକ୍ଟରରେ ଥିବା ଭାରତୀୟ ସୀମାକୁ ଉଲ୍ଲଙ୍ଘନ କରି ତାକୁ ଅକ୍ତିଆର କରିନେଇଥାଆନ୍ତି। ଆଉ ପାହାଡ଼ ଉପରେ ଥାଇ ଭାରତୀୟ ସେନାଙ୍କ ଉପରେ ଆରମ୍ଭ କରିଦେଇଥାଆନ୍ତି ଗୁଳି ବର୍ଷଣ। ସେମାନଙ୍କୁ ପାଲଟା ଜବାବ ଦେବା ପାଇଁ ହିଁ ଆରମ୍ଭ ହୋଇଥିଲା ‘କାର୍‌ଗିଲ ଯୁଦ୍ଧ’ ବା ‘ଅପରେଶନ ବିଜୟ’। କେବେ ଦୁର୍ଗମ ପାହାଡ଼ ଚଢ଼ି ମୁହାଁମୁହିଁ ଲଢ଼େଇ କରି ତ ପୁଣି କେବେ ବୋଫର୍ସ ଗନ୍‌ରେ ଲଗାତର ଗୁଳିର ବର୍ଷାକରି ଭାରତୀୟ ସେନା ଭାରତ ମାତାର ମଥାରେ ପିନ୍ଧେଇଥିଲେ ବିଜୟର ତିଳକ । ୟା’ ମଧ୍ୟରେ ବିତିଗଲାଣି ୨୨ ବର୍ଷ । ତଥାପି ଯୁଦ୍ଧଭୂମିରୁ ସୁରକ୍ଷିତ ଫେରିଥିବା ବୀର ଯବାନଙ୍କ ମନରୁ ଲିଭିନି ତା’ର ସ୍ମୃତି ...

## ପାକିସ୍ତାନ ପଟରୁ ଚଢ଼ି ଆକ୍ରମଣ କରିଥିଲୁ

**–ପ୍ରସନ୍ନ ଚୌଧୁରୀ, ଲାନ୍ସ ନାଏକ**

ମୋ ବିବାହ ୧୯୯୯ ଫେବୃୟାରୀ ୯ରେ ହେଇଥିଲା। ଦୁଇମାସ ଛୁଟିରେ ରହି ମୁଁ ଫେରି ଯାଇଥିଲି ମୋ କର୍ମସ୍ଥଳକୁ। ସେତେବେଳେ ଗୁଲ୍‌ମାର୍ଗ ସେକ୍ଟରରେ ଆମ ବାଟାଲିଅନ(ମହାରେଜିମେଣ୍ଟର ୧୨ ବାଟାଲିଅନ) ଥାଏ। ମୁଁ ଲାନ୍ସ ନାଏକ ବା ଆସିଷ୍ଟାଣ୍ଟ ସେକ୍ସନ କମାଣ୍ଡର ଭାବେ କାମ କରୁଥାଏ। ୨୪ ମେ’ର କଥା, ଆମେ ଡ୍ୟୁଟି କରୁଥିବା ସ୍ଥାନରେ ‘ଦିଲ୍ କ୍ୟା କରେ’ ଚଳଚ୍ଚିତ୍ରର ଶୁଟିଂ ଚାଲିଥାଏ। ଡ୍ୟୁଟି କରିବା ସହ ଶୁଟିଂ ଦେଖୁଥାଉ। ହେଲେ ଏତିକିବେଳେ ହଠାତ ବାଟାଲିଅନ୍ ବିଗୁଲ୍ ବାଜିଲା। ଆମେ ସବୁ ଏକାଠି ହେଲୁ। ଆମକୁ ଜଣାଇଦିଆଗଲା ଯେ, କିଛି ଆତଙ୍କବାଦୀ ପଶି ଆସିଛନ୍ତି। ଆଉ ଲାଇନ୍ ଅଫ୍ କଣ୍ଟ୍ରୋଲ ଅତିକ୍ରମ କରି ପାହାଡ଼ ଉପରୁ ଗୁଳିବର୍ଷଣ କରୁଛନ୍ତି। ତେଣୁ ତାଙ୍କୁ ବିତାଡ଼ିତ କରିବାକୁ ହେବ। ଆଉ ମସ୍କୋ ଭ୍ୟାଲି ଯିବାକୁ ପଡ଼ିବ। ସଙ୍ଗେ ସଙ୍ଗେ ଆମେ ଆମର କିଛି ଜିନିଷ ସହ ଅସ୍ତ୍ରଭଣ୍ଡାର ଯାଇ ୫୦୦






ରାଉଣ୍ଡ ଗୁଳି, ୪ଟି ଲେଖାଁ ଗ୍ରେନେଡ, ବନ୍ଧୁକ, ଖୋକରୀ ଭଳି କିଛି ହତିଆର ଧରି ୨୪ ମେ ରାତିରେ ବାହାରିପଡ଼ିଲୁ। ୨୫ତାରିଖରେ ସୋନାମାର୍ଗରେ ପହଞ୍ଚିଲୁ। ସେଠୁ ୫୩୭୫ ମିଟର ଟାଇଗର୍ ଭ୍ୟାଲି ଚଢ଼ିବାକୁ ଥାଏ। ଜଣେ ଆମକୁ କହିଲେ ଯିଏ ତୀଖ ଦୁର୍ଗମ ଟାଇଗର ଭ୍ୟାଲିକୁ ଚଢିଛି କେବେ ଫେରିନି। ସେଥିପାଇଁ ଚଢ଼ିବା ପୂର୍ବରୁ ଭଲରେ ଖାଇବୁପିଇବୁ ଭାବି ରାତିରେ ଚିକେନ୍ ରାନ୍ଧି ଖାଇଲୁ। ଆଉ ଟିକେ ହସଖୁସି କରିବୁ ଭାବିଲାବେଳକୁ ରାତି ୧୧ଟାରେ ଖବର ଆସିଲା ଏୟାର୍ ଆଟାକ୍ ହେବ। ଆଉ ମଜା ମଜ୍‌ଲିସ୍ କରିବୁ କ’ଣ, ବିଶ୍ରାମ ନେବୁ କ’ଣ ସବୁ ଗାଡ଼ିକୁ ଲୁଚେଇବାରେ ଲାଗିଗଲୁ। ସକାଳେ ବ୍ରିଗେଡ ହେଡକ୍ୱାର୍ଟରରୁ ମ୍ୟାପ୍ କଲେକ୍ସନ କଲୁ। ଭଲରେ ମ୍ୟାପ୍ ଷ୍ଟଡି କଲୁ। ତା’ପରେ ଟାଇଗର ଭ୍ୟାଲି ଚଢ଼ିବା ଆରମ୍ଭ କଲୁ। ଆମ ପାଖରେ ଶୀତବସ୍ତ୍ର ନ ଥାଏ କି ବରଫ ପାହାଡ଼ରେ ଚଢିବା ପାଇଁ କିଛି ସରଞ୍ଜାମ ବି ନ ଥିଲା। –୮° ରୁ –୯° ତାପମାତ୍ରାରେ ଟାଙ୍ଗରା ପାହାଡ଼ର ପଥରକୁ ଧରି ଚଢିବାବେଳେ ପଥର ଖସି ଯାଉଥିଲା। ଦିନରେ ବଡ଼ ବଡ଼ ପଥର ତଳେ ଲୁଚି ରହି ରାତିରେ ଭାରି କଷ୍ଟରେ ପାହାଡ଼ ଚଢୁଥିଲୁ। ଖାଇବା ପାଇଁ ବି ପାଖରେ କିଛି ନ ଥାଏ। ପାହାଡ଼ ଚଢ଼ିବାବେଳେ ଯେଉଁଠି ପାଣି ଦେଖିଲୁ ପଇବା ପାଇଁ ପାକିସ୍ତାନୀ ସେ ପାଣିରେ ବିଷ ମିଶାଇ ଦେଇଥାଆନ୍ତି। ତେଣୁ ପାଣି ବି ପିଇ ପାରି ନ ଥିଲୁ। ଖାଲି ଗାଣ୍ଠିଆ ଭଳି ଏକ ଖାଦ୍ୟ

→





ବିଶ୍ୱଜିତ ଦାସ



ବିପିନ ବିହାରୀ ଦାସ



ପ୍ରସନ୍ନ ଚୌଧୁରୀ



ଇଂ. ରମେଶ ଚନ୍ଦ୍ର ପଣ୍ଡା



ଅନନ୍ତ କୁମାର ପାତ୍ର



ସମସ୍ତଙ୍କ ପାଖରେ ୫୦୦ ଗ୍ରାମ୍ ଲେଖାଁ ଥିଲା। ଜୋର୍‌ରେ ଭୋକ ହେଲେ ସେଥିରୁ କିଛି ଖାଉଥିଲୁ। ଦେହରେ ୧୮ କିଗ୍ରାର ବୁଲେଟପ୍ରୁଫ୍ ଜ୍ୟାକେଟ୍, ମୁଣ୍ଡରେ ଓଜନିଆ ବୁଲେଟ୍‌ପ୍ରୁଫ୍ ହେଲମେଟ୍। ଆଉ ପିଠିରେ ଲଦା ହୋଇରହୁଥିଲା ପ୍ରାୟ ୪୦ କି.ଗ୍ରା. ଓଜନର ହତିଆର। ଏମିତିରେ ୨୭ ତାରିଖ ରାତି ୩ଟାରେ ଟାଇଗର ଭ୍ୟାଲିରେ ପହଞ୍ଚିଲୁ। ତିନିଦିନ ହେବ ଭୋକିଲା ଥାଉ। ତଥାପି ୨୮ ତାରିଖ ପାହାନ୍ତିଆ ସମୟରେ ଆମେ ପାକିସ୍ତାନ ଉପରେ ଆକ୍ରମଣ କଲୁ। ପଛପଟୁ ସପୋର୍ଟ ଫାୟାର୍ ଚାଲିଥାଏ। ପ୍ରଥମେ ଆମେ ଗ୍ରେନେଡ ମାରି କିଛି ପାକିସ୍ତାନୀଙ୍କୁ ମାରିଦେଲୁ। ଆଉ କିଛିଙ୍କୁ ଆମେ ହାତରେ ଖୋକରୀ ଧରି ମୁହାଁମୁହିଁ ଆକ୍ରମଣ କରିଥିଲୁ। ମରିବୁ ନ ହେଲେ ମାରିବୁ ନୀତିରେ ଲଢ଼େଇ କରିଥିଲୁ। ଆଉ ଆଖିବୁଜି ଶବ ପରେ ଶବ ବିଛେଇ ଚାଲିଥିଲୁ। ଶେଷରେ ପାକିସ୍ତାନୀ ହାର୍ ମାନିଗଲେ। କିଛି ପାକିସ୍ତାନୀ ସୈନ୍ୟଙ୍କୁ ଆମେ ଗିରଫ କଲୁ। ମନ ଖୁସି ଥାଏ। ତେବେ ତିନିଦିନ ନ ଖାଇ ଭୋକରେ ଜଳୁଥିବା ପେଟକୁ ଶାନ୍ତ କରିବା ଲାଗି ଆମେ ପାକିସ୍ତାନୀ ବଙ୍କରରେ ଥିବା ଚଣା ଗୁଡ଼ ଖାଇଲୁ। କିଛି ଖାଦ୍ୟ ତ ରକ୍ତରେ ଲତପତ ଥିଲା। ସେଗୁଡିକୁ ଆଡେଇ ଅନ୍ୟ ଚଣାଗୁଡ ଖାଇଥିଲୁ। ଏହି ଆକ୍ରମଣରେ ଭଗବାନଙ୍କ ଦୟାରୁ ଆମ ଗ୍ରୁପ୍‌ର କେହି ଆହତ ହୋଇ ନ ଥିଲେ। ଆଟାକ୍ ସଫଳ ହେବାପରେ ଡେପ୍‌ଥ କମ୍ପାନୀରୁ ଆମ ପାଖକୁ ଖାଦ୍ୟ(ପୁରୀ, ଡାଲମା) ପହଞ୍ଚିଥିଲା। ଏହାପରେ ପୁଣି ସେକେଣ୍ଡ ପୋଷ୍ଟ ଆଟାକ୍ କରିବା ଲାଗି ଚଢ଼ିବା ଆରମ୍ଭ କଲୁ। ଜୁନ୍ ୫ ତାରିଖରେ ୫୩୭୩ ମିଟର ଉଚ୍ଚତାରେ ଥିବା ସେକେଣ୍ଡ ପୋଷ୍ଟ ଉପରେ ଆକ୍ରମଣ କଲୁ। ହେଲେ ଏହି ଲଢ଼େଇରେ ଆମର ୫ ଜଣ ସାଥୀ ଶହୀଦ ହୋଇଥିଲେ। ପ୍ରାୟ ୩୦ଜଣ ଆହତ ବି ହୋଇଥିଲେ। ଏହାପରେ ଜୁଲାଇ ୫ରେ ଟାଇଗର୍ ହିଲ୍ ଜିତିବା ଲକ୍ଷ୍ୟ ଥିଲା। ବହୁତ ଯୋଜନା ପରେ ଆମେ ପାକିସ୍ତାନ ପଟରୁ ଚଢି ଆକ୍ରମଣ କରିଥିଲୁ। ପାକିସ୍ତାନୀ ସୈନ୍ୟ କେବେ ଭାବି ନ ଥିଲେ ଏମିତି ଆକ୍ରମଣ ହେବ ବୋଲି। ସେମାନେ ତ ଆମକୁ ତାଙ୍କ ପଟରେ ଦେଖି ପାକିସ୍ତାନୀ ସୈନ୍ୟ ଭାବିଥିଲେ। ହେଲେ ଆମେ ଯେତେବେଳେ ଆକ୍ରମଣ କଲୁ। ସେମାନେ ହଠାତ୍ କିଛି ବୁଝିପାରି ନ ଥିଲେ। ବେଶ୍ ଘମାଘୋଟ ଲଢ଼େଇ ହେଲା। ମୁହାଁମୁହିଁ ଏହି ଲଢ଼େଇରେ ଅନେକ ଜୀବନ ଯାଇଥିଲା। ପ୍ରଥମେ ତ ଆମେ ଗ୍ରେନେଡ ମାଡ଼ କରିଥିଲୁ। ଏହାପରେ ଦୁଇ ହାତରେ ଖୋକରୀ, ବେନେଡ ଧରି ପାକିସ୍ତାନୀଙ୍କୁ ମାରିଲୁ। ଯେଉଁମାନେ ହାତଟେକି ସରେଣ୍ଡର କଲେ ସେମାନଙ୍କୁ ଆରେଷ୍ଟ କଲୁ। ଏମିତିଭାବେ ଟାଇଗର୍ ହିଲ୍ ଉପରେ ବି ବିଜୟ ଲାଭ କଲୁ। ଏହାପରେ ଯୁଦ୍ଧ ବିରାମ ଘୋଷଣା କରାଯାଇଥିଲା। ଯୁଦ୍ଧ ବିରାମ ପରେ ମଧ୍ୟ ଆମର ଅନେକ ସୈନ୍ୟ ଆହତ ହୋଇଥିଲେ। କାରଣ ପାକିସ୍ତାନୀ ସୈନ୍ୟ ପୋଷ୍ଟ ଛାଡ଼ି ଗଲାବେଳେ ଲ୍ୟାଣ୍ଡମାଇନ୍ ଲଗେଇ ଦେଇଥିଲେ। ଆମେ ସର୍ଚ୍ଚ ଅପରେଶନ୍ କଲାବେଳେ ଲ୍ୟାଣ୍ଡମାଇନ୍ ଫୁଟିଥିଲା। ଆଉ ଅନେକ ସାଥୀ ଆହତ ହୋଇଥିଲେ। ଲଢ଼େଇରେ ମୋ ପ୍ରିୟ ସାଙ୍ଗ ଶ୍ରୀନିବାସ ପାତ୍ର ବି ଶହୀଦ ହୋଇଥିଲେ। ବହୁତ ଦୁଃଖ ଲାଗିଥିଲା। ତାଙ୍କୁ ମୁଁ ପିଠିରେ ଲଦି ପାହାଡ଼ରୁ ଓହ୍ଲେଇକି ଆଣିଥିଲି। ସେତେବେଳେ ଆମ ଗାଁରେ ମୁଁ ଶହୀଦ ହେଲି ବୋଲି ଚହଳ ପଡ଼ିଯାଇଥିଲା। ମୋ ମା’ ଓ ସ୍ତ୍ରୀ ଚେତାଶୂନ୍ୟ ହୋଇଯାଇଥିଲେ। ହେଲେ ବାପା ଧୈର୍ଯ୍ୟଧରି ଟିଭି ଦେଖୁଥିଲେ। ଆଉ କହିଲେ ନା ଆମ ପୁଅ ନୁହେଁ ଶ୍ରୀନିବାସ ଶହୀଦ ହୋଇଛନ୍ତି। ଶ୍ରୀନିବାସ ବ୍ୟତୀତ ଆହୁରି ଅନେକ ସାଥୀ ମୋ ଆଖି ଆଗରେ ଶହୀଦ ହୋଇଥିଲେ। ୨୨ ପୂର୍ବର ଏଇ ଭୟଙ୍କର ଯୁଦ୍ଧ କଥା ମନେପଡ଼ିଗଲେ ଏବେବି ମୋ ଦେହ ଶିହରୀ ଯାଏ। ବିଶ୍ୱାସ କରି ହୁଏନା କେମିତି ଏତେ ଉଚ୍ଚା ଓ ବିପଜ୍ଜନକ ପାହାଡ଼ ମୁଁ ଚଢ଼ିପାରିଥିଲି। ଆଉ ଏତେ ବଡ଼ ଲଢ଼େଇରେ ସାମିଲ ହୋଇ ବି ଜୀବିତ ଅଛି। ୨୦୦୭ରେ ଭଲ୍ୟୁଣ୍ଟାରୀ ରିଟାୟାର୍ଡମେଣ୍ଟ ନେଲି। ଏବେ ମୁଁ ବ୍ରହ୍ମପୁର ୟୁନିୟନ ବ୍ୟାଙ୍କ ହଳଦିଆପଦର ବ୍ରାଞ୍ଚରେ ହେଡ୍ କ୍ୟାଶିୟର ଅଛି।



## ଯୁଦ୍ଧ ଚାଲିଥିବାବେଳେ ପେଟରେ ବାଜିଲା ଗୁଳି

***– ବିଶ୍ୱଜିତ ଦାସ, ହାବିଲଦାର***

୨୫ ମେ, ୧୯୯୯ରେ ମୁଁ କାର୍‌ଗିଲର ଗ୍ରାବ୍ ସେକ୍ଟରରେ ଯୋଗ ଦେଇଥିଲି। ଲାଇନ୍ ଅଫ୍ କଣ୍ଟ୍ରୋଲ ଭିତରକୁ ପଶି ଆସିଥିବା ପାକିସ୍ତାନୀ ସୈନ୍ୟଙ୍କୁ ବିତାଡିତ କରିବା ଥିଲା ଭାରତୀୟ ସୈନ୍ୟଙ୍କ ଲକ୍ଷ୍ୟ। ତେଣୁ ଯେତେ ପ୍ରତିବନ୍ଧକ ଆସିଲେ ବି ତାକୁ ଏଡେଇ ଆମେ ଆଗକୁ ବଢୁଥିଲୁ। ବହୁକଷ୍ଟରେ ପାହାଡ଼ ଚଢ଼ି ଆମେ ଆମ ପୋଷ୍ଟରେ ପହଞ୍ଚିଥିଲୁ। ଆଉ ସେହି ସ୍ଥାନକୁ ଅନୁଧ୍ୟାନ କରି ବଙ୍କର ଗଢ଼ିବା ସହ ହତିଆରକୁ ସଜାଡି ରଖି ପୋଜିଶନ୍ ନେଲୁ। ସେତେବେଳେ ଯୁଦ୍ଧ ପ୍ରାରମ୍ଭିକ ପର୍ଯ୍ୟାୟରେ ଥାଏ। ତେଣୁ ଯୋଜନାମାନ କରାଯାଉଥାଏ। ତା’ସହ ପାକିସ୍ତାନୀଙ୍କ ଗୁଳିର ଜବାବ ଗୁଳିରେ ବି ଦିଆଯାଉଥାଏ। ଏମିତିରେ ମୋର ମନେ ଅଛି ଜୁନ୍ ୮ ତାରିଖରେ ଭାରତ-ପାକିସ୍ତାନ ଆଇସିସି କ୍ରିକେଟ୍ ୱାର୍ଲଡ କପ୍‌ର ଫାଇନାଲ ମ୍ୟାଚ୍ ହୋଇଥିଲା। ସେଥିରେ ଭାରତୀୟ ଟିମ୍ ବିଜୟ ହାସଲ କରିଥିଲା। ଭାରତର ଏଇ ଜିତ୍‌ର ପ୍ରଭାବ ଯୁଦ୍ଧ ଉପରେ ବି ପଡ଼ିଥିଲା। ପାକିସ୍ତାନୀ ସୈନ୍ୟ ରାଗରେ ପ୍ରବଳ ଗୁଳି ବର୍ଷା କରିଥିଲେ। ରାତି ସାରା ଚାଲିଥିଲା ଗୁଳି ବର୍ଷା। ସକାଳ ପ୍ରାୟ ୬ଟା ୨୦, ସୂର୍ଯ୍ୟ ଉଦୟ ହୋଇ ନ ଥାଏ, ହଠାତ୍ ଏକ ଗୁଳି ଆସି ମୋ ପେଟରେ ବାଜିଲା। ରକ୍ତସ୍ରାବ ହେବାକୁ ଲାଗିଲା। ମୋ ସାଥୀ ଯବାନମାନେ ମୋତେ ପାହାଡ଼ ତଳକୁ ଆଣିବାକୁ ବହୁତ ଚେଷ୍ଟା କଲେ। ହେଲେ ୧-୨ ଘଣ୍ଟା ଆଣିବାପରେ ସେମାନେ ଆଉ ପାରି ନ ଥିଲେ। ତେବେ ସେତେବେଳକୁ ଡାକ୍ତର ଆସିଗଲେ। ପ୍ରାଥମିକ ଚିକିତ୍ସା ଦେବାପରେ ରେସ୍କ୍ୟୁ ହେଲିକପ୍ଟର ଆସିଥିଲା। ପ୍ରଥମେ ଶ୍ରୀନଗରରେ ଚିକିତ୍ସା କରାଗଲା। ତା’ପରେ ଦିଲ୍ଲୀ ଏବଂ ପରବର୍ତ୍ତୀ ସମୟରେ କଲିକତା କମାଣ୍ଡ ହସ୍ପିଟାଲ ନିଆଗଲା। ତିନି ମାସ ଲାଗିଗଲା ଭଲ ହେବାକୁ। ମୁଁ ସୁସ୍ଥ ହେବା ବେଳକୁ ଯୁଦ୍ଧ ସରିଲାଣି। ଆଉ ଭାରତ ଯୁଦ୍ଧରେ ବିଜୟଲାଭ କରିଥିବାରୁ ବହୁତ ଖୁସି ଲାଗୁଥିଲା। ୨୦୦୭ରେ ମୁଁ ଅବସର ନେଲି। ତା’ପରେ ବ୍ୟାଙ୍କ ଅଫ ଇଣ୍ଡିଆର ରେମୁଣା ଶାଖାରେ ୨୦୦୯ରୁ ୨୦୨୦ ପର୍ଯ୍ୟନ୍ତ ଚାକିରି କଲି। ଏବେ ବାଲେଶ୍ୱରରେ ଥିବା ମୋ ଘରେ ଅବସର ସମୟ ବିତଉଛି।

## ବୋଫର୍ସ ଗନ୍‌ର ଟେକ୍‌ନିକାଲ ଦାୟିତ୍ୱ ଥିଲା ମୋ ଉପରେ

***–ସୁବେଦାର ଇଂ. ରମେଶ ଚନ୍ଦ୍ର ପଣ୍ଡା***

୧୯୯୯ ମସିହା ଜୁନ୍ ଶେଷ ସପ୍ତାହରେ ମୁଁ ଛୁଟିରେ ଘରକୁ ଆସିଥାଏ। ହଠାତ୍ ସେନା ବିଭାଗରୁ ତୁରନ୍ତ କାର୍ଯ୍ୟରେ ଯୋଗଦେବା ପାଇଁ ଜରୁରୀ ଡାକରା ଆସିଲା। କାରଣ ସେତେବେଳେ ପାକିସ୍ତାନୀ ସେନା କାର୍‌ଗିଲ୍ ସେକ୍ଟରର ଭାରତୀୟ ସୀମାକୁ ଉଲ୍ଲଘଂନ କରି ସୁଉଚ୍ଚ ଟାଇଗର୍ ହିଲ ଉପରେ ଚଢି ତଳେ ଥିବା ଭାରତୀୟ ସେନା ଉପରେ ଆଖିବୁଜା ଗୁଳିବର୍ଷଣ ଆରମ୍ଭ କରି ଦେଇଥାଆନ୍ତି। ସମୁଦ୍ରପତ୍ତନଠାରୁ ପ୍ରାୟ ୧୨ଶହ ମିଟର ଉଚ୍ଚତାରେ ହୋଇଥିବା ଏହି ଲଢ଼େଇ ଭାରତୀୟ ସେନା ପାଇଁ ବଡ଼ ଚ୍ୟାଲେଞ୍ଜ ପାଲଟିଥିଲା। ତଥାପି ଧୈର୍ଯ୍ୟଧରି

→



ସାହସ ଓ ଚତୁରତାର ସହ ଭାରତୀୟ ସେନା ଶତ୍ରୁପକ୍ଷକୁ ସାମ୍ନା କରୁଥାଆନ୍ତି। ତେଣୁ ମତେ ତୁରନ୍ତ ନିଜ ହେଡକ୍ୱାର୍ଟରେ କଶ୍ମୀର ପଟ୍ଟନରେ ପହଞ୍ଚିବାକୁ ପଡ଼ିଲା। ଏହାପରେ ମତେ କାର୍‌ଗିଲ ଜିଲ୍ଲା ଦ୍ରାସ୍ ସେକ୍ଟରର ଟାଇଗର ହିଲ୍‌କୁ ଲାଗି ରହିଥିବା ତୋଲୋଲୀନ୍ ଘାଟି ଅଭିମୁଖେ ଯିବାକୁ ନିର୍ଦ୍ଦେଶ ଦିଆଗଲା। ହେଲେ ମୁଁ ଯୋଗ ଦେବାକୁ ଥିବା ବାଟାଲିଅନ୍‌ର ଲୋକେସନ୍ ସମ୍ପର୍କରେ କିଛି ଜାଣି ନ ଥିଲି। ବହୁକଷ୍ଟରେ ଦୁଇଦିନ ପରେ ଯାଇ ସେଠାରେ ପହଞ୍ଚିଥିଲି। ଆଉ ଜୁନିୟର୍ ଇଞ୍ଜିନିୟରଭାବେ ଯୋଗ ଦେଇଥିଲି। ବୋଫର୍ସ ଗନ୍‌ର ସମ୍ପୂର୍ଣ୍ଣ ଟେକ୍‌ନିକାଲ୍ ଦାୟିତ୍ୱ ଥିଲା ମୋ ଉପରେ। ବୋଫର୍ସ ଗନ୍ ରହୁଥିବା ସ୍ଥାନରୁ ପ୍ରାୟ ୧୫-୧୬ କି.ମି. ଦୂରରେ ରହି ଶତ୍ରୁପକ୍ଷ ଉପରେ ଟାର୍ଗେଟ୍ ସେଟ୍ କରିବା ଏବଂ ଖରାପ ହୋଇଯାଉଥିବା ଯନ୍ତ୍ରାଂଶଗୁଡ଼ିକୁ ତୁରନ୍ତ ମରାମତି କରିବା ଥିଲା ମୋ କାମ। ଏଥିପାଇଁ ଦିନରାତି କାମ କରିବାକୁ ପଡୁଥିଲା। ଯବାନମାନେ ବୋଫର୍ସ ଗନ୍‌ରେ ଫାୟାରିଂ କଲାବେଳେ ଫାୟାରିଂ ନ ହୋଇପାରିଲେ ବି ଯାଇ ଦେଖି ତାକୁ ଠିକ୍ କରୁଥିଲି। ଯୁଦ୍ଧର ଏହି ଘମାଘୋଟ ଲଢ଼େଇରେ ଅନେକ ସାଥୀ ଯବାନ ଶହୀଦ ହୋଇଥିଲେ। ହେଲେ ସେଥିରେ ବିଚଳିତ ନ ହୋଇ ନିଜକୁ ଦୃଢ଼ ରଖି କର୍ତ୍ତବ୍ୟ ସମ୍ପାଦନ କରିବାକୁ ପଡୁଥିଲା। ତେବେ ଏହା କେତେ ଯେ କଷ୍ଟକର ଥିଲା ତାହା ମନେପଡ଼ିଲେ ଦେହ ଶିହରେଇଯାଏ। ଏମିତି ବି ହେଉଥିଲା ସାଥୀ ଯବାନଙ୍କ ମୃତ ଶରୀର ୩ ଦିନ ପର୍ଯ୍ୟନ୍ତ ଯୁଦ୍ଧ ଭୂମିରେ ପଡ଼ିରହୁଥିଲା। ଉଠାଇ ଆଣି ହେଉ ନ ଥିଲା। କାରଣ ପାକିସ୍ତାନୀ ସେନା ପକ୍ଷରୁ ହେଉଥିଲା ତୁହାକୁ ତୁହା ଗୁଳିବର୍ଷଣ। ଶେଷରେ କାର୍‌ଗିଲ ଯୁଦ୍ଧରେ ଭାରତୀୟ ସେନା ବିଜୟର ଧ୍ୱଜା ଉଡ଼ାଇବାକୁ ସକ୍ଷମ ହୋଇଥିଲେ। ସେତେବେଳେ ଯୁଦ୍ଧ ସମ୍ପର୍କିତ ଖବର ଟିଭି, ରେଡିଓ ଓ ଖବରକାଗଜରେ ଆସୁଥିଲା। ଘରେ ଥିବା ମୋ ସ୍ତ୍ରୀ ତପେଶ୍ୱରୀ ସେଇଥିରୁ ଖବର ପାଉଥାନ୍ତି। ସେତେବେଳେ ସେ ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକର ଏକ ଉପାନ୍ତ ଅଞ୍ଚଳରେ ଥିବା ବିଦ୍ୟାଳୟରେ ଆମର ୨ବର୍ଷର ଶିଶୁକନ୍ୟାକୁ ଧରି ଶିକ୍ଷକତା କରୁଥିଲେ। ସେ ମନରେ ଦୃଢ଼ ଆତ୍ମବିଶ୍ୱାସ ରଖିଥିଲେ ଯେ, ମୋର କିଛି ଅମଙ୍ଗଳ ହେବ ନାହିଁ ଏବଂ ଯୁଦ୍ଧରେ ଭାରତର ବିଜୟ ନିଶ୍ଚିତ ହେବ। ଶେଷରେ ସେୟା ହିଁ ହୋଇଥିଲା। ଭାରତର ବିଜୟ ହୋଇଥିଲା। ଏବେ ମୁଁ ଅବସର ନେଇ ସାରିଛି। ସୁନ୍ଦରଗଡ ଟାଉନ୍‌ରେ ଥିବା ମୋ ଘରେ ପରିବାର ସହ ରହୁଛି। ହେଲେ ପ୍ରତିବର୍ଷ ଏହି କାରଗିଲ ବିଜୟ ଦିବସ ଆସିଲେ ମନେପଡ଼ିଯାଏ ସେତେବେଳର ଯୁଦ୍ଧ ବିଭୀଷିକା ଓ ଭାରତୀୟ ସେନାର ବୀରତ୍ୱର ଗାଥା ।


## ଲ୍ୟାଣ୍ଡମାଇନ ଫୁଟି ଅନେକ ସାଥୀ ଶହୀଦ ହେବା ସହ ଗୁରୁତର ଆହତ ହୋଇଥିଲେ

*– ଅନନ୍ତ କୁମାର ପାତ୍ର, ହାବିଲଦାର*

ମୁଁ ହତିଆର ଟ୍ରେନିଂ ଦେବା ପାଇଁ ଇନଫାଣ୍ଟ୍ରି ସ୍କୁଲ ମଉରେ ଥାଏ। ହଠାତ୍ ଆର୍ମି ହେଡକ୍ୱାର୍ଟର୍‌ରୁ ମେସେଜ୍ ଆସିଲା



ବିପିନ ବିହାରୀ ଦାସ



ମୋ ଇନ୍‌ଷ୍ଟ୍ରକ୍ଟର ପୋଷ୍ଟିଂ କ୍ୟାନ୍‌ସେଲ ହେଲା। ଆଉ ମତେ କାର୍‌ଗିଲ ଲଢ଼େଇରେ ଯାଇ ଯୋଗ ଦେବାକୁ ହେବ। ମୁଁ ଚାର୍ଲି କମ୍ପାନୀରେ ଥାଏ। ରାମପାଲ ଯାଦବ ଥିଲେ କମ୍ପାନୀ କମାଣ୍ଡର। ତାଙ୍କ ସହ ଆମେ ବାହାରିଥିଲୁ। ଆମ ଲୋକେଶନ୍ ମେନ୍‌ରୋଡରୁ ୧୨-୧୪ ଘଣ୍ଟା ଚାଲିବା ପରେ ଥିଲା। ଦିନରେ ତ କିଛି ହରକତ କରି ହେଉ ନ ଥିଲା। ପାଖରେ ନଦୀ ଥିଲେ ବି ପାଣି ପିଇବାକୁ ଯାଇପାରୁ ନ ଥିଲୁ। କାରଣ ପାକିସ୍ତାନୀଙ୍କ ନଜରକୁ ଆସିଲେ ସେମାନେ ଗୁଳିମାରିବା ଆରମ୍ଭ କରିଦେବେ। ଖାଇବା ତ ଆମେ ଭୁଲି ଯାଇଥିଲୁ। କେମିତି ନିଜେ ବଞ୍ଚିବୁ, ସାଥୀଙ୍କୁ ବଞ୍ଚେଇବୁ ତା'ସହ ଆଗକୁ ବଢ଼ିବୁ ଏଇଆ ଥିଲା ଲକ୍ଷ୍ୟ। ଆମେ ଫ୍ରଣ୍ଟ କମ୍ପାନୀରେ ନ ଥିଲୁ। ଡେପ୍‌ଥ ବା ବ୍ୟାକ୍ କମ୍ପାନୀରେ ଥିଲୁ। ଗୋଟିଏ କମ୍ପାନୀରେ ୧୦୦ରୁ ଊର୍ଦ୍ଧ୍ୱ ଜଣ ରହୁଥିଲେ। ଫ୍ରଣ୍ଟ କମ୍ପାନୀ ମୁହାଁମୁହିଁ ଲଢ଼ିଥିଲେ ପାକିସ୍ତାନୀ ସୈନ୍ୟଙ୍କ ସହ। ଆମ କମ୍ପାନୀ ପୋଜିଶନ୍ ନେଇ ରହିଥିଲୁ। ଆଉ ଫାୟାରିଂ କରି ଫ୍ରଣ୍ଟ କମ୍ପାନୀଙ୍କୁ ଆଗକୁ ଯିବାକୁ ସାହାଯ୍ୟ କରୁଥିଲୁ। ହାତାହାତି ପାକିସ୍ତାନୀ ସୈନ୍ୟଙ୍କ ସହ ଲଢ଼ି ନ ଥିଲେ ହେଁ ଆମ କମ୍ପାନୀର ବହୁତ ଜଣ ଆହତ ହୋଇଥିଲେ। କାରଣ ପାକିସ୍ତାନୀମାନେ ରାସ୍ତାର ଠାଏ ଠାଏ ମାଇନ୍ ଲଗେଇଥିଲେ। ଆଉ ତା' ଉପରେ ଅଜାଣତରେ ଯାଇ ଅନେକ ସାଥୀ ଗୁରୁତର ଆହତ ହୋଇଥିଲେ। ପାଦେ ପାଦେ ବିପଦ ଦେଇ ଆମେ ଗତି କରୁଥିଲୁ। ଏହାଛଡ଼ା ପାକିସ୍ତାନୀମାନେ କିଛି ସୁନ୍ଦର ରଙ୍ଗିନ ମାଇନ୍ ଆର୍‌ଟିଲାରୀ ଫାୟାର୍ ଦ୍ୱାରା ଆମ ଆଡଭାନ୍ସ ରାସ୍ତାରେ ପକାଇଥିଲେ। ତାହା ଫୁଟି ମଧ୍ୟ କେତେଜଣ ଶହୀଦ ହୋଇଯାଇଥିଲେ। ଏହାବାଦ୍ ଫ୍ରଣ୍ଟ କମ୍ପାନୀ ପାକିସ୍ତାନୀ ପୋଷ୍ଟ ଉପରେ ବିଜୟ ଲାଭ କରିବା ପରେ ହୋଇଥିବା ସର୍ଚ୍ଚ ଅପରେଶନ୍ ବେଳେ ବି ଲାଣ୍ଡ ମାଇନ୍ ଫୁଟି ସାଥୀମାନେ ଆହତ ହୋଇଥିଲେ। କାରଣ ପୋଷ୍ଟ ଛାଡି ପୂର୍ବରୁ ପାକିସ୍ତାନୀ ସୈନ୍ୟ ଖଞ୍ଜିଯାଇଥିଲେ ଲାଣ୍ଡମାଇନ୍। ଏଇ ଆଖିରେ ଦେଖିଛି ଲ୍ୟାଣ୍ଡମାଇନ୍ ବ୍ଲାଷ୍ଟ ହୋଇ ଅନେକ ସାଥୀଙ୍କ ଗୋଡ ଛିଣ୍ଡି ବହୁ ଦୂରକୁ ଛିଟ୍‌କି ପଡିଥିଲା। ତେବେ ଭୋକ ହେଉଥିବାରୁ ପାକିସ୍ତାନୀ ସୈନ୍ୟ ଛାଡି ଯାଇଥିବା ଚଣାଗୁଡ ଭଳି କିଛି ଖାଦ୍ୟ ଖାଇଥିଲୁ ଓ ଛାଡି ଯାଇଥିବା ରାଶନକୁ ନେଇ ଆସିଥିଲୁ। ଯୁଦ୍ଧବେଳେ ବାଲେଶ୍ୱର ଜିଲା ବଡାଶରେ ରହୁଥିବା ମୋ ସ୍ତ୍ରୀ ସାନପୁଅକୁ ଜନ୍ମ ଦେଇଥିଲେ। ତେଣୁ ପୁଅର ନାଁ ମୁଁ ସଂଗ୍ରାମ ଦେଇଛି। ଯେତେବେଳେ କାହାର ସ୍ୱାମୀ କି ପୁଅ ଯୁଦ୍ଧ ଭୂମିରେ ଥାଆନ୍ତି ସେମାନଙ୍କ ମାନସିକତା କିଭଳି ଥାଏ, କେବଳ ସେମାନେ ହିଁ କହିପାରିବେ। ସେମିତି କିଛି ସ୍ଥିତି ଥିଲା ମୋ ପରିବାର ଲୋକଙ୍କର। ତେବେ ଯୁଦ୍ଧ ବିଜୟ ସହ ମୁଁ ଭଲରେ ଥିବାରୁ ସମସ୍ତେ ବହୁତ ଖୁସି ହୋଇଥିଲେ। ହେଲେ ଆଜି ବି ଦୁଃଖ ଲାଗେ ସେଇ ସାଥୀଙ୍କ ଲାଗି ଯେଉଁମାନେ ଆଉ ଫେରି ପାରିଲେ ନାହିଁ।


## ଦିନରେ ପଥର ଖୋଲରେ ଲୁଚି ରାତିରେ କରୁଥିଲୁ ଆକ୍ରମଣ– ବିପିନ ବିହାରୀ ଦାସ, କ୍ୱାର୍ଟର ମାଷ୍ଟର

ଢେଙ୍କାନାଳ ଜିଲା, କାମଧେନୁକୋଟ ମୋ ଗାଁ। ଗୋଟେ ମାସ ଛୁଟି ନେଇ ମୁଁ ଘରକୁ ଆସିଥାଏ। ମନ ଭାରି ଖୁସିଥାଏ। ହେଲେ ଘରେ ପହଞ୍ଚିଲାବେଳକୁ ଦେଖିଲି ପୋଷ୍ଟମାଷ୍ଟର ହାତରେ ଏକ ଟେଲିଗ୍ରାମ୍ ଧରି ଠିଆ ହୋଇଥିଲେ। ଟେଲିଗ୍ରାମ୍‌ଟିକୁ ଖୋଲି ଦେଖିବାପରେ ଜାଣିଲି ମୋର ଛୁଟି କ୍ୟାନସେଲ ହୋଇଯାଇଛି। ଆଉ ୟୁନିଟ୍‌ରେ ତୁରନ୍ତ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଘରେ ପାଣି ଟିକେ ପିଇ ଦେଇ ପୁଣି ଫେରିଥିଲି। ଫେରିବାବେଳେ ବିଭିନ୍ନ ଷ୍ଟେଶନ୍‌ରେ ଲୋକଙ୍କ ଭଲ ପାଇବା ଦେଖି ଭାରି ଖୁସି ଲାଗିଥିଲା। ଅନେକେ ତ ଆମ ପାଇଁ ଖାଇବା ତିଆରି କରି ଆଣି ଆମକୁ ଦେଇଥିଲେ। ସେଇ ଭଲ ପାଇବା ଦେଖି ମନରେ ଲଢ଼ିବାର ବଳ ଚାଲି ଆସିଥିଲା। କାର୍‌ଗିଲ୍ ଯୁଦ୍ଧ ବିଷୟରେ ଜାଣିବାପରେ ଲୋକଙ୍କ ମନରେ ଆମ ପାଇଁ ଏତେ ସମ୍ମାନ ଓ ଭଲ ପାଇବା ଦେଖି ବହୁତ ଖୁସି ଲାଗୁଥିଲା। ପହଞ୍ଚିବା ପରେ ବେସ୍‌ରେ ଯୋଗ ଦେଇ ଲଢ଼େଇ ପାଇଁ ମୁଭ୍ କରିଥିଲି। ଦିନବେଳେ ପଥର ଖୋଲ ତଳେ ଲୁଚି ରହି ରାତିରେ ବିପଜ୍ଜନକ ନଙ୍ଗା ପାହାଡ଼ ଚଢୁଥିଲୁ। ଆମେ ପାହାଡ ଉପରେ ରହିବାବେଳେ ତଳୁ ଦିନକୁ ଥରେ କିଛି ଭାରତୀୟ ସେନା ପାହାଡ଼ ଚଢି ୧୫-୧୬ ଖାସ୍ତା ରୁଟି, ଡାଲି ଓ ଜଣକା ୨ ଲିଟର ପାଣି ଦେଉଥିଲେ, ଯାହାକୁ ଦୁଇ ଦିନ ବ୍ୟବହାର କରିବାକୁ ପଡୁଥିଲା। ଆମେ ପ୍ରାୟ ରାତିରେ ଆଟାକ୍ କରୁଥିଲୁ। ଚୁପ୍‌ଚାପ ଯାଇ ପାକିସ୍ତାନ ଅକ୍ତିଆର କରିଥିବା ପୋଷ୍ଟକୁ ଆଟାକ କରି ସେମାନଙ୍କୁ ହରେଇ ପୋଷ୍ଟ ଖାଲି କରୁଥିଲୁ। ଫାୟାରିଂ କରି, ତାଙ୍କ ବଙ୍କର ଉପରେ ହ୍ୟାଣ୍ଡ ଗ୍ରେନେଡ ଫୋପାଡି ଧ୍ୱସ୍ତ କରିବା ସହ ଆବଶ୍ୟକ ସ୍ଥଳେ ଖୋକରୀ ସାହାଯ୍ୟରେ ମୁହାଁମୁହିଁ ଯୁଦ୍ଧ ବି ହେଉଥିଲା। ଅନେକ ସମୟରେ ଆମେ ଫେରିବା ପରେ ପାକିସ୍ତାନୀ ପୁଣି ସେହି ପୋଷ୍ଟକୁ ଅକ୍ତିଆର୍ କରୁଥିଲେ। ତାଙ୍କ ଉପରେ ଆଉ ଥରେ ଆକ୍ରମଣ କରାଯାଉଥିଲା। ସେମାନେ ପୋଷ୍ଟ ଛାଡିବାବେଳେ ମାଇନ୍ ଖଞ୍ଜି ଦେଉଥିଲେ। ଫଳରେ ଆମର କିଛି ସାଥୀ ଆହତ ହେବା ସହ କେତେଜଣ ଶହୀଦ ବି ହୋଇଥିଲେ। ଆଖି ସାମ୍‌ନାରେ ସାଥୀ ଯବାନ ସଚ୍ଚିଦାନନ୍ଦ ମଲିକଙ୍କ ମୁଣ୍ଡରେ ଗୁଳି ବାଜିଥିଲା। ଆଉ ସେ ଭୂମି ଉପରେ ଟଳିପଡିଥିଲେ। ଖାଲି ସିଏ ନୁହନ୍ତି ଶ୍ରୀନିବାସ ପାତ୍ର ଶହୀଦ ହେବାବେଳେ ବି ମୁଁ ଦେଖିଛି। ସାଥୀମାନଙ୍କୁ ହରାଇବା ଯେ କେତେ କଷ୍ଟ ଦେଉଥିଲା ତାହା କହିହେବନି। ଯୁଦ୍ଧ ସରିବା ପରେ ପାକିସ୍ତାନୀମାନେ ଛାଡି ଯାଇଥିବା ହତିଆରକୁ ପାହାଡ଼ ଉପରୁ ତଳକୁ ଆଣିବା ବି ଥିଲା ବହୁତ କଷ୍ଟଦାୟକ। ହେଲେ ଯୁଦ୍ଧ ବିଜୟ ପରେ ହୋଇଥିବା ବଡ଼ଖାନା(ଭୋଜି) ଓ ନାଚଗୀତର ଆସର ଭୁଲେଇ ଦେଇଥିଲା ସବୁ କଷ୍ଟ। ୟା' ମଧ୍ୟରେ ଯୁଦ୍ଧସରିବାର ଅନେକ ବର୍ଷ ବିତିଗଲାଣି। ଏବେ ମୁଁ କଟକ ବାଲିକୁଦରେ ରହୁଛି। ରେଲୱେରେ ଟେକନିସିଆନ୍ ଭାବେ କାମ କରୁଛି। ତେବେ ଯୁଦ୍ଧର ଭୟାବହତାକୁ ଯିଏ ଅଙ୍ଗେ ନିଭେଇଛି ସେ କେବେ ବି ଆଉ ଯୁଦ୍ଧ ହେଉ ବୋଲି ଚାହିଁବନି। ମୁଁ ବି ଚାହେଁ ଆଗକୁ ଯେମିତି ଆଉ କୌଣସି ଯୁଦ୍ଧ ନ ହେଉ କି ଏ ଧରଣୀ ରକ୍ତରେ ନ ଗାଧଉ।

ଅନେକ ତ୍ୟାଗ ଓ ବଳିଦାନ ପରେ ମିଳିଥିଲା କାର୍‌ଗିଲ ଯୁଦ୍ଧରେ ବିଜୟ। ଯୁଦ୍ଧ ମାନେ ହିଁ ରକ୍ତପାତ। ସେ ଶତ୍ରୁର ହେଉ ଅବା ନିଜର। ତେଣୁ ଆଉ ନ ହେଉ ଯୁଦ୍ଧ କି ନ ହେଉ ଏ ଧରା ରକ୍ତରଞ୍ଜିତ।

–ଶିବାନୀ ମହାନ୍ତି

–ଜୟନାରାୟଣ ମେଣ୍ଡୁଲି(ସୁନ୍ଦରଗଡ)





# ଗୀତ ହେଉଛି ବିନ୍ଦୁ ଭିତରେ ସିନ୍ଧୁର ଦର୍ଶନ






‘ପୀରତି ତୋର ଦୂରୁ ଜୁହାର, ଅଠାକାଠି ପରି ଲାଗୁଛି। କହନା ମତେ ଆଉ ସେକଥା ଗୋଡ଼ହାତ ତୋର ଧରୁଛି।’ ପୁଣି ‘ଏମିତି ରାତି ଏ ଯେ ଅଭୁଲା ସ୍ମୃତି, ତୁନିତୁନି କଥା କହି ଯାଓଗୋ ବିତି।’ ସେହିପରି ‘ଗେଲବସରର ଦିନ ସରିଗଲା , ଭୁଲି ଯା ବାପର ଘର।’ ଆଉ ‘କାଉ ଧାନ ଖାଇଲା ବୋଲି ..।’ ଏମିତି ଏକାଧିକ ଚଳଚ୍ଚିତ୍ର ସଙ୍ଗୀତର ଲେଖକ ସେ। ପ୍ରାୟ ୫ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସାହିତ୍ୟ, ସଙ୍ଗୀତ, ବେତାର ନାଟକ, ମଞ୍ଚନାଟକ, ଚଳଚ୍ଚିତ୍ର ଆଦି କ୍ଷେତ୍ରରେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଥିବା ବେଳେ ଆକାଶବାଣୀର ସେ ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକବି ଓ ନାଟ୍ୟକାର । ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସମେତ ବହୁ ଅନୁଷ୍ଠାନରୁ ତାଙ୍କୁ ମିଳିଛି ପୁରସ୍କାର ଓ ସମ୍ମାନ । ସେ ହେଲେ ବୃନ୍ଦାବନ ଜେନା, ଡାକନାମ (ବୁନୁ) । ଜନ୍ମ-୧୪ ଜାନୁୟାରୀ ୧୯୪୪ମସିହାରେ। ଘର କେନ୍ଦ୍ରାପଡ଼ା ଜିଲା ପାଟକୁରା ବ୍ଲକର ଚାନ୍ଦୋଳରେ। କିନ୍ତୁ ରହୁଛନ୍ତି କଟକରେ । ସେ କୁହନ୍ତି, ଆମ ଗାଁକୁ ଘେରିଛି ଲୁଣା, ପାଇକା, ବାଘୁଣୀ ଓ ମହାନଦୀ। ଏମିତି ପରିବେଶ ଯୋଗୁ ପଢ଼ା ପାଇଁ ସମୟକ୍ରମେ ଧନୀରାମପୁର ମାମୁଘରକୁ ଆସିଲି । ମାମୁଘର ଗାଁରେ ଖଡ଼ିବଂଶ ଅବଧାନଙ୍କ ପାଖରେ ମୋ ପାଠପଢ଼ା ଆରମ୍ଭ ହୋଇଥିଲା । ଅଜା ପରମାନନ୍ଦ ଜେନା ଥିଲେ ଜଣେ ସଙ୍ଗୀତ ଗୁରୁ ଓ ପାଲାକାର। ତାଙ୍କ ସଂକୀର୍ତ୍ତନ ମଣ୍ଡଳୀରେ ଓଡ଼ିଶୀ, ଚମ୍ପୂ, ଛାନ୍ଦ, ଭଜନ ଓ ଆଧୁନିକ ଗୀତ ଶିଖେ ଓ ଗାଏ । ପରେ କୋରୁଆ ହାଇସ୍କୁଲରେ ପଢ଼ାବେଳେ ନଟ ସାର୍ ଗାଁର ପ୍ରାକୃତିକ ପରିବେଶ ଦେଖାଇବାକୁ ବୁଲାଇ ନିଅନ୍ତି। ସେସବୁ ଦେଖି ଗୀତ ଲେଖୁଥିଲୁ। ୭ମରେ ପଢୁଥାଏ । ମୋର ପ୍ରଥମ କବିତା – ‘ଧୀରେଧୀରେ ବହିଯାଏ ଚିତ୍ରୋତ୍ପଳା ନଈ, ତୀରେ ତା’ର ବାଲି ସୁନ୍ଦର ଦିଶଇ’ ଲେଖିଥିଲି। ସ୍କୁଲ ପଢ଼ା ସରିଲା ପରେ କେନ୍ଦ୍ରାପଡ଼ା କଲେଜରେ ନାଁ ଲେଖିଥିଲି, ମାତ୍ର ଆର୍ଥିକ ଅଭାବ ଯୋଗୁ ଅଧାରେ କଲେଜପଢ଼ା ରହିଲା। ସେତେବେଳେ ଶିକ୍ଷକତା କରିଲି। ସେହି ସମୟରେ ମାମୁ ମତେ ତାଙ୍କର ଜଣେ ସାଙ୍ଗଙ୍କ ପାଖକୁ ଯିବାକୁ କହିଲେ। ଏଥିଯୋଗୁ ରାଉରକେଲା ଯିବାକୁ କହିଲେ। ଆଉ ମୁଁ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ଚାକିରି କରିଲି । ଏଠାରେ କିଛି ମାସ ରହିବାପରେ ଗଭର୍ନମେଣ୍ଟ ଅଫ ଇଣ୍ଡିଆ ଟେଲିକମରେ ଜଏନ କଲି। ସେତେବେଳେ ରାଉର କେଲାରେ ଏକ ସାନ୍ଧ୍ୟ କଲେଜ ପ୍ରତିଷ୍ଠା ପାଇଁ ଆମେ କେତେଜଣ ଉଦ୍ୟମ କରିଥିଲୁ। ଏଠାରେ ଷ୍ଟୁଡ଼େଣ୍ଟ ହୋଇ ପଢ଼ିଲି। ଗ୍ରାଜୁଏଶନ ସରିଲାପରେ ସମ୍ବଲପୁରକୁ ଯାଇ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଓଡ଼ିଆରେ ଏମ୍ଏ ସାରିଲି। ଓଡ଼ିଆ ଭାଷା ସାହିତ୍ୟରେ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇ ସ୍ୱର୍ଣ୍ଣପଦ ହାସଲ କରିଥିଲି। ଏମିତିରେ ଦିନବେଳେ କଲେଜପଢ଼ା ରାତିରେ ଚାକିରି କାମ ପୁଣି ରେଡ଼ିଓ ପାଇଁ ଗୀତ ଲେଖିବାକୁ ପଡ଼େ। ରେଡ଼ିଓ ଗୀତିକାର ଭାବେ ମୋର ପରିଚୟ ହୋଇଥାଏ। ତୋଫାନ ତ୍ରିପାଠୀଙ୍କ ସମ୍ବଲପୁରୀ ବସ୍ତ୍ରାଳୟରେ ଖଟି ଚାଲିଥାଏ। ଏଠାକୁ ବହୁ କଳାକାର ଓ ଲେଖକ ଆସନ୍ତି। ସେମାନଙ୍କ ସହିତ ମୋର ପରିଚୟ ହୁଏ। ନିର୍ଦ୍ଦେଶକ ଗୋବିନ୍ଦ ତେଜ ଓ ଧୀର ବିଶ୍ୱାଳଙ୍କ କଥାରେ ପ୍ରଥମେ ‘ଧରିତ୍ରୀ’ ଚଳଚ୍ଚିତ୍ର ପାଇଁ ଗୀତ ଲେଖିଲି । ସେହି ସମୟରେ ଫୁଲବାଣୀର ଏକ କଲେଜରେ ଅଧ୍ୟାପକ ଭାବେ ଯୋଗଦେବାର ସୁଯୋଗ ମିଳିଲା, ମାତ୍ର ମୋ ପାଇଁ ଉପଯୁକ୍ତ ବାତାବରଣ ନଥିବାରୁ ସେହି ପଦବୀ ପାଇଁ ମନାକରିଦେଇଥିଲି। ପରେ ଓଡ଼ିଆ ଚଳଚ୍ଚିତ୍ର ‘ଅମରପ୍ରେମ’ ନିର୍ମାଣରେ ଆସିଷ୍ଟାଣ୍ଟ ଡାରେକ୍ଟରଭାବେ କଲିକତାରେ କାଳିଗଞ୍ଜ ଇନ୍ଦ୍ରପୁରୀ ଷ୍ଟୁଡ଼ିଓରେ କାର୍ଯ୍ୟ କରୁଥାଏ। ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରରେ କାମକରୁଥିବା ଜଣେ ବନ୍ଧୁ ସଙ୍ଗୀତ ନିର୍ଦ୍ଦେଶକ ଉପେନ୍ଦ୍ର କୁମାର ମୋ ପାଖକୁ ଫୋନ୍‌କରି କହିଲେ, ତମେ ମାଡ୍ରାସ ଆସ । ଏଠାରେ ଏକ ଓଡ଼ିଆ ସିନେମା ପାଇଁ ନିର୍ଦ୍ଦେଶକ ଭାବେ କାମ ମିଳିବ। କିନ୍ତୁ ସେତେବେଳେ ମାଡ୍ରାସ ଯିବା ପାଇଁ ମୋ ପାଖରେ ବିଶେଷ କିଛି ଟଙ୍କା ନଥାଏ। ଏଥିରେ ମୋତେ ନିର୍ଦ୍ଦେଶକ ଗୋପାଳ ଘୋଷ ଉତ୍ସାହିତ କରି ୧ହଜାର ଟଙ୍କା ଦେଇଥିଲେ। ତା’ ପରେ ଉପେନ୍ଦ୍ର କୁମାର ତାଙ୍କର କଲିକତାରେ ଥିବା ସିନେମା ଡିଷ୍ଟ୍ରିବ୍ୟୁଟରଙ୍କ ଜରିଆରେ ଏକ ଖାମ୍‌ରେ ୧ହଜାର ଟଙ୍କା ପଠେଇବା ସହିତ ଫ୍ଲାଇଟ ଟିକେଟ କାଟି ମାଡ୍ରାସ ଯିବାର ବ୍ୟବସ୍ଥା କରାଇଥିଲେ। ମାଡ୍ରାସରେ ପହଞ୍ଚିଲା ପରେ ରାଜକୀୟ ସମ୍ମାନ ଓ ଆତିଥ୍ୟ ମିଳିଥିଲା। ଏଠାରେ ଚଳଚ୍ଚିତ୍ର ନିର୍ମାଣ ପୂର୍ବରୁ ଲେଖକଭାବେ ମତେ ଏକ ଶୁଭାରମ୍ଭ ପୂଜାରେ ବସିବାକୁ ପଡ଼ିଥିଲା। ତାପରେ କୁଳଚନ୍ଦ୍ରମା ଚଳଚ୍ଚିତ୍ର ତିଆରି କରାଯାଇଥିଲା। ସମୟକ୍ରମେ କୁଳଚନ୍ଦ୍ରମା, ପତିପତ୍ନୀ ଶାନ୍ତି, ବାଟଅବାଟ, ଜନ୍ମଦାତ୍ରୀ, ପତିପତ୍ନୀ, ପରିବାର, ଘରସଂସାର ଆଦି ଏକାଧିକ ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ସଂଳାପ ଓ ଚିତ୍ରନାଟ୍ୟ ଦେବାର ସୁଯୋଗ ମିଳିଥିଲା। ୨୦୧୦ରୁ ନିଜସ୍ୱ ଉଦ୍ୟମରେ ପ୍ରଜ୍ଞା ଏକାଡ଼େମୀ ଏଣ୍ଡ କଲଚରାଲ ଟ୍ରଷ୍ଟ ଗଠନକରି କଳାସଂସ୍କୃତିର ବିକାଶ ଦିଗରେ ସମୟ ଦେଉଛି। ତା’ ସହ ‘ମୁକ୍ତକ’ ନାମକ ଗୀତିକବିତା ପତ୍ରିକାର ସମ୍ପାଦନା କାମ ମଧ୍ୟ ଚାଲିଛି। ସେହିପରି ୧୪ଖଣ୍ଡ ନାଟକ ମଧ୍ୟରେ –ରାଜସାକ୍ଷୀ, ପୋଷା ବାଘ, ବତୀଖୁଣ୍ଟ,ଏକବିଂଶ ଶତାବ୍ଦୀର ଗବେଷଣା କେନ୍ଦ୍ର, ଶାହାଜାହାନ, ଆଲୋକ ଏବଂ ୧୨ଖଣ୍ଡ ରେଡ଼ିଓ ନାଟକ, ପ୍ରାୟ ୩୦ଟି ସିନେମା ପାଇଁ ଗୀତ ଲେଖିବା, ପୁଣି କେତୋଟିରେ ସଂଳାପ ଓ ଚିତ୍ରନାଟ୍ୟ କାର୍ଯ୍ୟ ତୁଲାଇଛି ।



୧୯୭୧ରେ ପ୍ରଥମେ ‘ଧରିତ୍ରୀ’ ଚଳଚ୍ଚିତ୍ରରେ ଗୀତ ଲେଖିଥିଲି । ତା’ ପରେ ଅଲିଭାଦାଗ, ବନ୍ଧୁ ମହାନ୍ତି, ସିନ୍ଦୂରବିନ୍ଦୁ ଆଦି ଓଡ଼ିଆ ଚଳଚ୍ଚିତ୍ରରେ ଚିତ୍ରନାଟ୍ୟ ଓ ସଂଳାପ ଲେଖିଛି। କାହ୍ନୁଚରଣଙ୍କ ‘ଶାନ୍ତି’ଉପନ୍ୟାସକୁ ଚଳଚ୍ଚିତ୍ର ଭାବେ ନିର୍ମାଣ କରିବାରେ ସ୍ୱତନ୍ତ୍ର ଅନୁଭୂତି ରହିଛି। କିନ୍ତୁ ଶାନ୍ତି ସିନେମା ପରେ ଚାକିରି କ୍ଷେତ୍ରରେ ମତେ ଆଉ ଏହି କାର୍ଯ୍ୟ ପ୍ରତି ସମୟ ଦେଲେନାହିଁ। ମୋର କଳାକ୍ଷେତ୍ରରେ ସାମଗ୍ରିକ ଅବଦାନ ପାଇଁ ୨୦୦୫ମସିହାରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଏବଂ ଗୀତିକବିତା ‘ପ୍ରୀତିସ୍ମୃତି ହୋଇ ଫେରିଆସେ ଯେବେ’ ପୁସ୍ତକ ପାଇଁ ୨୦୦୮ରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ତରଫରୁ ପୁରସ୍କୃତ ଓ ସମ୍ମାନିତ ହୋଇଛି। ଓଡ଼ିଆ ଗୀତିସାହିତ୍ୟରେ ସଙ୍ଗୀତର ସ୍ୱରୂପ ନିମନ୍ତେ କେନ୍ଦ୍ରରୁ ସିନେମା ଫେଲୋଶିପ ପାଇଛି। ସେମିତି ଉତ୍କଳ ସାହିତ୍ୟସମାଜ, ଓଡ଼ିଆ ଗୀତି କବିତା ସମାଜ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ସମ୍ମାନ, ନୀଳଚକ୍ର, ନୀଳଶୈଳ, ପ୍ରବାସୀ ଉତ୍କଳ ସମାଜ ଆଦି ଶତାଧିକ ସଂସ୍ଥାରୁ ପୁରସ୍କୃତ ହୋଇଛି। ୨୦୦୪ରେ ଚାକିରିରୁ ଅବସର ନେଇ ସାରିଛି। ଘରେ ପତ୍ନୀଙ୍କ ସହିତ ରହୁଛି । ମୋର ଏକମାତ୍ର ଝିଅର ବିବାହ କାର୍ଯ୍ୟ ସାରିଛି। ହଁ , ପ୍ରେମ ବିନା ଗୀତିକବିତା ଲେଖାଯାଇ ପାରେନା, ହୃଦୟର ଅନୁଭୂତିରୁ ହିଁ ଲେଖିହୁଏ।କବିତା ଯାହା ପଢ଼ାଯାଏ ମାତ୍ର ଗୀତିକବିତା ସ୍ୱର, ଲୟ, ତାଳ ଓ ଛାନ୍ଦରେ ଗାନ କରାଯାଇଥାଏ। ଏହି ଗୀତ ହେଉଛି ବିନ୍ଦୁ ଭିତରେ ସିନ୍ଧୁର ଦର୍ଶନ ।

**–ବନବିହାରୀ**



## କାଳୀଝିଅ

–ପ୍ରବାସିନୀ ହୋତା

ତା ଦେହର ରଙ୍ଗ କଳା ବୋଲି
ତାକୁ ପାସଙ୍ଗରେ ପକେଇ ନ ଥିଲେ କିଛି ଲୋକ
ଆପଣା ଆପଣା ପସନ୍ଦର

ଚମଡ଼ା ଟିକାକର ରଙ୍ଗକୁ ନେଇ ବି
କେତେ ପସନ୍ଦ ଅପସନ୍ଦ !

ଦଳଦଳ ହୋଇ କେତେ ଦଳ ଖାଉନ୍ଦ
ଆସିଲେ ପୁରୁଷ ଛାତି ଡେରି
ଆଖିରେ ବାନ୍ଧି କତୁରୀ
ତାଚ୍ଛଲ୍ୟର ହାଣରେ ଛେଲି ଦେଇଗଲେ
ତାର ପରସ୍ତ ପରସ୍ତ ଲଜ୍ଜା
ଅପମାନର ଦିଆସିଲିଟିଏ ମାରି

ସେ ଜଳିଲା ଯେ ଜଳିଲା
ଆହୁରି କଳା ବୋଲି ହେଲା
ସୁନା ଆଉଟିଲା ଭଳି ଆଉଟି ହେଲା ହୃଦୟ !
ହେଲେ ହୃଦୟକୁ ଦେଖେ କି କେହି ?

ଜୋର୍ ଚାଲୁ ଥିଲା ମୂଲେଇ
ଅଣ୍ଡରରେଟରେ ହୁଏତ ଯାଇପାରେ
ତାର ସଂଚିତ ଯୌବନ,
ଏଠି ପୁରୁଷ ଛାତିଟିଏର ଦାମ୍ ଆକାଶଛୁଆଁ !

କାଳୀଝିଅ ତରାଜୁରେ ତଉଲ କରୁଥିଲା
ଗୋଟେ ପଟେ ତାର ସଂସ୍କାର
ଆର ପଟେ ତାର ଶ୍ୟାମଳିମା
ଗୋଟିଏ ପଟେ ତାର କୋମଳ ଉଜ୍ଜ୍ୱଳ ହୃଦୟ
ଆରପଟେ ତମିସ୍ରାରେ ଘେରା ସୌନ୍ଦର୍ଯ୍ୟ

ଆଉ ...
ହତାଶ ହେଉଥିଲା କାଳୀଝିଅ !
ଆଖିର ଇଶାରାରେ ବାଟ ଚାଲୁଥିବା
ଏ ସାରାଟା ଦୁନିଆଁରେ
ମନର ସୌନ୍ଦର୍ଯ୍ୟ ପରଖିବାକୁ



କଦାଚିତ୍ ହଲେ ଆଖି ବି ନ ଥିଲା !

କିଏ ଆଉ ନିବେଶନ୍ତା ତା ପାଇଁ
ଆଗ୍ରହର ପୁଞ୍ଜି ?
ତେଣୁ,ଲଗାତାର ଖସି ଚାଲୁଥିଲା
ତା ଜୀବନର ସେନ୍ସେକ୍ସ ଅଙ୍କ !!
କାଳୀଝିଅକୁ ଲାଗୁଥିଲା...
ଏ କଳାରଙ୍ଗ ଯେମିତି ଖାଲି ରଙ୍ଗ ନୁହେଁ ;
ତାକୁ ଅପାଂକ୍ତେୟ କରି ରଖିଥିବା
ଏ ଯେମିତି ଭଣଭଣ ଦୁର୍ଗନ୍ଧର ପଙ୍କ !!

–ଭଟଲି ଛକ, ବରଗଡ଼
ମୋ–୮୨୮୦୩୦୩୪୦୩



# ପିଲାଏ ଅଛନ୍ତି

ସୌମ୍ୟା ଶୁଭଦର୍ଶିନୀ

କିଛି କୋଳାହଳ ଆଉ କିଛି ଅସ୍ପଷ୍ଟ ବାହୁନା ଯୋଗୁ ଘରଟି ଆଜି ଘର ଭଳି ପ୍ରତୀତ ହେଉଥିଲା । କାରଣ ବୁଝୁବୁଝୁ , ଚାଲିଗଲେ ବୁଢ଼ୀ ହସ୍ପିଟାଲରେ ଗତ ରାତିରେ । ଏଠି ଗୋଟେ ବୁଢ଼ୀ ଅସୁସ୍ଥ ହୋଇ ହସ୍ପିଟାଲରେ ପାଞ୍ଚ ମାସ ହେଲା ପଡ଼ିଥିଲେ ସେତକ ପାଖ ପଡ଼ୋଶୀଙ୍କୁ ଜଣା ହିଁ ନଥିଲା । ସହରର ଜୀବନ ନା ବଡ଼ ଅଭାବୀ, ସମ୍ପର୍କକୁ ନେଇ !...

ବୃଦ୍ଧ ନିତ୍ୟାନନ୍ଦ ମୂର୍ତ୍ତି ହେଇ ବସିରହିଥିଲେ । ବଡ଼ ପୁଅ ଭାରି କାନ୍ଦୁରା ଦିଶୁଥିଲା । ଧାଁ ଦୌଡ଼ କରି ଥକି ଯାଉଥିଲା ତା' ମେଦବହୁଳ ଦେହ । ନିତ୍ୟାନନ୍ଦ ଭାବିଲେ, ''ନା' ପିଲାଏ ଅଛନ୍ତି । କେବଳ ଯାହା ଡେରି କରିଦେଇଛନ୍ତି ।'' ପୁଣି ଅନୁଭବ ହେଲା ବୁଢ଼ୀ ଯଦି ଥା'ନ୍ତା, ନିଶ୍ଚିତ କହିଥା'ନ୍ତା ତା' ଗେହ୍ଲା ବଡ଼ପୁଅକୁ , ''ବାବୁରେ, ତୁ ସୁକୁମାରିଆ ପୁଅ ମୋର ଏତେ ଧାଁ ଦୌଡ଼ ପାରିବୁନି । ବସ ଘଡ଼ିଏ, ଦହି ସରବତ ମୁନ୍ଦିଏ ପି , ମୁଁ ହାତରେ କରିଛି ।'' ସେ ଦହିର ସ୍ୱାଦ ଆଉ ଚାଖିବାର ନୁହେଁ । ନିତ୍ୟାନନ୍ଦଙ୍କ ପେଡ଼ୁଆ ଆଖିରୁ ଲୁହ ଧାରେ ବୋହିଗଲା ।

ବୁଢ଼ୀ ଯେବେ ହସ୍ପିଟାଲରେ ବିକଳ ହେଇ ସଭିଙ୍କୁ ଖୋଜିଥିଲା, ସେତେବେଳେ ଆସିବାର ଥିଲା । କିନ୍ତୁ ପିଲାଏ ବ୍ୟସ୍ତ ଥିଲେ । ସାରା ଜୀବନ ପିଲାଙ୍କ ପାଇଁ ନିଜକୁ ତିଳତିଳ କରି ଜାଳିଥିବା ବୁଢ଼ୀ ପାଇଁ ସେଇ ଦିନଗୁଡ଼ିକ ସବୁଠାରୁ ଅଧିକ ଯନ୍ତ୍ରଣାଦାୟକ ଥିଲା । ସେ ନିଜକୁ ଆଦୌ ବୁଝେଇ ପାରୁନଥିଲା ପିଲାଏ ଏତେ ବ୍ୟସ୍ତ ସତରେ ଅଛନ୍ତି ନା ଅଲୋଡ଼ା ହେଇଯାଇଛି ବିଚାରୀ ତାଙ୍କ ପାଇଁ! ସବୁବେଳେ କହୁଥିଲା କୋହଭିଜା ସ୍ୱରରେ, ''ମୋର କେହି ନାହାନ୍ତି, ବୁଝିଲ ।''

ସେଇ ଦୁଇ ପୁଅ ଆଜି ଆସିଛନ୍ତି ସ୍ୱର୍ଗଦ୍ୱାର ଗାଡ଼ି ଧରି, ଖଇ କଉଡ଼ି ନେଇ, କୋକେଇ ପାଇଁ ସଜ ବାଉଁଶ, ଛଣ, ରଶି, ସପ ଖୋଜୁଛନ୍ତି ଫୋନ୍ ଘୂରେଇ । କିନ୍ତୁ ବୁଢ଼ୀ ଆଦୌ ଜାଣିପାରୁନି, ହାଏରେ ବିଧାତା ! କାଶ ବିଚାରୀ ଜାଣନ୍ତା କେଡ଼େ ଖୁସିହୁଅନ୍ତା !...

ବୋହୂ ଦୁହେଁ ବଡ଼ ଶ୍ରଦ୍ଧାରେ ହଳଦୀପାଣି ଢାଳି ବୁଢ଼ୀକୁ ଅହ୍ୟ ବେଶ କରୁଛନ୍ତି । ଲାଲ୍ ରଙ୍ଗର ଶାଢ଼ିରେ ହଳଦିଆ ପାଢ଼ି । ବିଗତ ପାଞ୍ଚ ମାସ ସେ ଥିଲା କେବଳ ହସ୍ପିଟାଲର ଫିକା ଆକାଶୀ ପୋଷାକ ଭିତରେ । ସିନ୍ଦୂରଟିପେ ବି ଲାଗୁନଥିଲା ମଥାରେ । ଆଜି ମେଞ୍ଚେ ସିନ୍ଦୂର ଭିତରେ ଭାରି ସୁନ୍ଦରୀ ଦିଶୁଛି ବୁଢ଼ୀ ।

ନିତ୍ୟାନନ୍ଦ ଦେଖିଲେ ନିରିଖେଇ । ଇଚ୍ଛା ହେଲା କୋଳେଇ ନେବେ । କହିବେ, ''ତୁ ଫେରିଆ, ଆଉ ଅଭିମାନ କରନି, ଦେଖ୍ ତୋ ପିଲାଏ ଅଛନ୍ତି ।''

*ଡି–୨୦୫, ସିଡିଏ ସେକ୍ଟର ୬, କଟକ*
*୭୦୦୮୭୬୮୩୦୪*



## ମାଟି

ସୁଜାତା ମହାପାତ୍ର

ମାଟି ପାଇଁ ମଣିଷ ନୁହେଁ
ମଣିଷ ପାଇଁ ମାଟି
ମାଟି ତ ତିଆରି ଚାଲିଛି ନିଜକୁ
କେଉଁ ଅନନ୍ତ ଯୁଗରୁ
ମଣିଷ ନଥିବା ସମୟରୁ ।

ରଜସ୍ୱଳା ମାଟିର ସ୍ୱେଦ, ରକ୍ତ, ଲୁହର
ଆର୍ଦ୍ରତା ଘେନି ଅଙ୍କୁରିତ ହୁଏ ବୀଜ
ମେଘ ବତୁରା ବସୁଧାର ଉଷ୍ମଦେହରୁ
ଜନ୍ମହୁଏ ଅସଂଖ୍ୟ ସ୍ପନ୍ଦନ ।

ମାଟି ସେ, ଚିର ଯୌବନା
ଧୁସରିଆ ଚୈତ୍ରର ଥୁଣ୍ଟା ଚିତ୍ରରେ
ସାତ୍ତ୍ୱାରଙ୍ଗ ଭରିବାରେ ଖୁବ ନିପୁଣା ।

ମାଟି ଗଢେ ଜୀବନ,
ସଜାଏ ଭୂମିରୁ ଭୂମାଯାଏଁ
ଏକ ପ୍ରଲମ୍ବିତ ସ୍ୱପ୍ନ ।

ହେଲେ ମାଟି ଛୁଇଁ ଦେଲେ ସଭିଏଁ ମାଟି
ଜୀବର ଆରମ୍ଭ ଓ ଶେଷ,
କେବଳ ମାଟି, ମାଟି ଆଉ ମାଟି ।

*–ଶିବାନୀ ଏନ୍‌କ୍ଲେଭ*
*ବମୀଖାଲ କେନାଲ ରୋଡ*
*ଭୁବନେଶ୍ୱର, ୭୫୧୦୧୦*
*ଫୋନ : ୯୪୩୭୩୬୦୯୬୪*

## ଛଳନା..


–ଛନ୍ଦା ମିଶ୍ର

ଛଳନା କୁ ତୁମେ ପ୍ରେମ ବୋଲି କହି
ପ୍ରେମ କୁ ଛଳନା କଲ
ସଂଜବତୀ ଜାଳି ଚାହିଁ ଥିଲି ବାଟ
ବାଟବଣା ହୋଇ ଗଲ ।

ବାସଘର ବୋଲି ସଜାଡିଲି ଯାହା
ତାହା ପାଲଟିଲା ଜୁଇ
ଫୁଲ ପାଖୁଡା ମୁଁ ଯାହାକୁ ମଣିଲି
ସବୁଗଲା କଣ୍ଟା ହୋଇ
ସତ ବୋଲି କହି ମିଛ ପସରା କୁ
ମଥା ରେ ମୋ ଲଦି ଦେଲ
ଛଳନା କୁ ତୁମେ....

କଥା ଦେଇ କଥା ନରଖିବା ଯେବେ
ଥିଲା ତୁମ ଅପରାଧ
ତୁଚ୍ଛା ରେ କାହିଁକି କଳଙ୍କିନୀ ବୋଲି
ମୁଣ୍ଡାଇଲି ଅପବାଦ
ସାତ ଜନମ ର ପ୍ରତିଶ୍ରୁତି କିବା
ସାତ ଦିନେ ଭୁଲି ଗଲ
ଛଳନା କୁ ତୁମେ.....

–ବିଜେବି ନଗର, ଭୁବନେଶ୍ୱର
୯୪୩୭୪ ୫୩୬୧୦




କାର୍ତ୍ତିକ

# ଘାରିଛି ଫିଟ୍‌ନେସ ନିଶା

କାର୍ତ୍ତିକ ଆର୍ଯ୍ୟନଙ୍କୁ ଏବେ ଫିଟ୍‌ନେସ ନିଶା ଘାରିଛି। ଏହାର ଅର୍ଥ ନୁହେଁ ଯେ ସେ ଏହା ପ୍ରତି ଆଦୌ ଧ୍ୟାନ ଦେଉ ନ ଥିଲେ। ହେଲେ ଏବେ ଏଥିପାଇଁ ଅଧିକ ସଚେତନ ରହିବାକୁ ପଡୁଛି। କଥା କ'ଣ କି ନିକଟରେ ସେ ସାଇନ କରିଥିବା ନୂଆ ସିନେମା 'ସତ୍ୟନାରାୟଣ କି କଥା'ର ଶୁଟିଂ ଆରମ୍ଭ ହେବାକୁ ଯାଉଛି। ଏଥିରେ ସେ ରୋମାଣ୍ଟିକ ଭୂମିକାରେ ଅଭିନୟ କରୁଛନ୍ତି, ହେଲେ ତା'ସହ କେତୋଟି ଆକ୍ସନ ଶଟ୍ ମଧ୍ୟ ଦେବାକୁ ପଡ଼ିବ। ତେଣୁ ନିଜର ଫିଟ୍‌ନେସ ପ୍ରତି ଟିକେ ଅଧିକ ଧ୍ୟାନ ଦେବାକୁ ଏହାର ନିର୍ଦ୍ଦେଶକ ସମୀର ବିଦ୍ୱାନ୍ ତାଙ୍କୁ ପରାମର୍ଶ ଦେଇଥିଲେ। ଏ ନେଇ କାର୍ତ୍ତିକ କହନ୍ତି, 'ଏହି ଫିଲ୍ମଟି ହେଉଛି ମ୍ୟୁଜିକାଲ ଲଭ୍ ଷ୍ଟୋରି। ହେଲେ ଏଥିରେ କେତୋଟି ଆକ୍ସନ ସିନ୍ ରହିଛି। ତେଣୁ ସେଥିପାଇଁ ମୋତେ ଆଉ ଟିକେ ସ୍ଲିମ୍ ହେବାକୁ ପଡ଼ିବ। ଏ ବିଷୟରେ ନିର୍ଦ୍ଦେଶକଙ୍କଠାରୁ ଜାଣିବା ପରେ ଏବେ ନିଜକୁ ଅଧିକ ଫିଟ୍ ରଖିବା ପାଇଁ ଧ୍ୟାନ ଦେଉଛି। ସକାଳେ ଏବଂ ସନ୍ଧ୍ୟାରେ ଜିମ୍ ଯାଉଛି। ତା' ସହ ଡାଏଟିଂ। ଶୁଟିଂ ପୂର୍ବରୁ ନିଜକୁ ଏ ନେଇ ପ୍ରସ୍ତୁତ କରିନେବି ବୋଲି ବିଶ୍ୱାସ ରହିଛି।' ଏହାବ୍ୟତୀତ ଆନୀସ ବାଜମୀଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ଭୁଲ ଭୁଲେୟା-୨'ରେ ସେ ଅଭିନୟ କରିଛନ୍ତି ଏବଂ ଏଥିରେ ତାଙ୍କର ନାୟିକା ସାଜିଛନ୍ତି କିଆରା ଆଡୱାନୀ।

# ଶେଷରେ ରାଜି ହେଲେ କ୍ୟାଟ୍ରିନା

ପ୍ରଥମେ ନା, ହେଲେ ଶେଷରେ ହଁ ଭରିଛନ୍ତି ସେ। କାରଣ ଯେତେବେଳେ ଏହି ଅଫରଟି ତାଙ୍କୁ ମିଳିଲା ସେତେବେଳେ ଡେଟ୍‌କୁ ନେଇ ଦୋଛକିରେ ପଡ଼ିଥିଲେ। ହେଲେ ପରେ ଏହି ଫିଲ୍ମ ପାଇଁ ସମୟ ବାହାର କରିଛନ୍ତି। ସେ ହେଲେ କ୍ୟାଟ୍ରିନା। କଥା କ'ଣ କି 'ଟାଇଗର' ଫିଲ୍ମର ସିକୁଏଲ୍ 'ଟାଇଗର-୩'ର ଶୁଟିଂ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଆଉ ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ସଲମାନ ଖାଁ ଓରଫ ସଲ୍ଲୁମିଆଁ। ଏହି ଫିଲ୍ମର ନାୟିକା ଭାବରେ କ୍ୟାଟ୍ରିନାଙ୍କୁ ଦେଖିବାକୁ ମିଳିବ। ଯେତେବେଳେ ଏହି ଅଫର ମିଳିଲା ପ୍ରଥମେ ସେ ରାଜି ହୋଇ ନ ଥିଲେ। ପରେ ଏହାର ଶୁଟିଂ ପାଇଁ ସମୟ ବାହାର କରିବା ପରେ ନିଜ ପଟରୁ ଗ୍ରୀନ୍ ସିଗନାଲ ଦେଖାଇଥିଲେ। ଏ ନେଇ କ୍ୟାଟ୍ରିନା କହନ୍ତି, 'ସତ କଥା ହେଲା, ଏହି ଫିଲ୍ମର ଶୁଟିଂ ପାଇଁ ମୋ ପାଖରେ ସମୟ ନ ଥିଲା। ହେଲେ ବିଜି ସିଡ୍ୟୁଲ ଭିତରେ ଏହା ପାଇଁ ଟାଇମ ଦେବାକୁ ସ୍ଥିର କରିଛି। ସବୁଠାରୁ ଖାସ୍ କଥା ହେଲା, ସଲମାନଙ୍କ ସହ ମୋ ଯୋଡି ବେଶ୍ ଜମିଥାଏ।' ସୂଚନାଯୋଗ୍ୟ ଏହି ଯୋଡ଼ିକୁ ଦର୍ଶକ 'ଭାରତ' ଫିଲ୍ମରେ ଶେଷ ଥର ପାଇଁ ଦେଖିଥିଲେ।


କ୍ୟାଟ୍ରିନା

# ଭୁଲିପାରୁନାହାନ୍ତି ଭୂମିକା

ଭୂମିକା ଦାଶ। ଶିଶୁ କଳାକାର ଭାବରେ ଏଣ୍ଟ୍ରି କରିଥିଲେ ଓଲିଉଡ୍‌ରେ। ସିନେମାଟି ଥିଲା ତାପସ ସରଘରିଆଙ୍କ ନିର୍ଦ୍ଦେଶିତ 'ଝୁମ୍‌କୁ ଝୁମାନା'। ତୁଳସୀ ଦୁଇ ପତ୍ରରୁ ବାସିଲା ପରି ପ୍ରଥମ ଚଳଚ୍ଚିତ୍ରରେ ନିଜର ଅଭିନୟ ଦକ୍ଷତା ଦେଖାଇବାରେ ସକ୍ଷମ ହୋଇଥିଲେ। 'ତୁ ମୋ ଲଭ୍ ଷ୍ଟୋରି' ଫିଲ୍ମରେ ତାଙ୍କୁ ନାୟିକା ସାଜିବାର ସୁଯୋଗ ମିଳିଥିଲା। ଏହି ଚିତ୍ରଟି ଭୂମିକାଙ୍କ ଅଭିନୟ କ୍ୟାରିୟରକୁ ବେଶ୍ ମାଇଲେଜ ଦେଇଥିଲା। ହେଲେ ପ୍ରଥମ ଲକ୍‌ଡାଉନ ଏବଂ ଦ୍ୱିତୀୟ ଲକ୍‌ଡାଉନ ଭିତରେ ଯେଉଁ ପାଞ୍ଚ ମାସର ଗ୍ୟାପ୍ ଥିଲା ତାହାକୁ ଭୁଲିପାରୁନାହାନ୍ତି ସେ। କାରଣ ଏହି ସମୟ ଭିତରେ ସେ ୬ଟି ସିନେମାର ଶୁଟିଂ ଶେଷ କରିଥିଲେ। ଏ ସମ୍ପର୍କରେ ସେ କହନ୍ତି, 'ପାଞ୍ଚ ମାସ ଭିତରେ ଛଅଟି ସିନେମାର ଶୁଟିଂ ଶେଷ କରିବା ସହଜ କଥା ନୁହେଁ। କିନ୍ତୁ ଏ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିଥିଲି ଏବଂ ଭଗବାନଙ୍କ ଆଶୀର୍ବାଦରୁ ସବୁ କାମ ଠିକ୍ ଭାବରେ ସମ୍ପନ୍ନ ହୋଇଥିଲା।' ଭୂମିକାଙ୍କ ଅଭିନୀତ 'ଚକ୍ଷୁ ବନ୍ଧନ', 'ମନ ମୋର କାଗଜଗୁଡ଼ି' ଏବଂ 'ମନ ମୋର ନେଇଗଲାରେ' ରିଲିଜ ଅପେକ୍ଷାରେ ରହିଛି। ଶୁଟିଂରୁ ଅବସର ମିଳିଲେ ସେ ପାଠ ପଢ଼ାରେ ମନ ଦିଅନ୍ତି। ତା' ସହ ତୂଳୀ ଧରି ଚିତ୍ର ଆଙ୍କିବାକୁ ବସିପଡ଼ନ୍ତି। ଭୂମିକା ଏ ପର୍ଯ୍ୟନ୍ତ 'ତୁ ମୋ ଲଭ୍ ଷ୍ଟୋରି', 'ତୁ ମୋ ଲଭ୍ ଷ୍ଟୋରି-୨', ନାୟକ ନାଁ ଦେବଦାସ', 'ଶ୍ରୀମାନ ସୁରଦାସ'ରେ ନାୟିକା ଭୂମିକାରେ ଅଭିନୟ କରିସାରିଛନ୍ତି।


ଭୂମିକା


ମୃଣାଳ

# କେବଳ ରୋଲ୍ ପାଇଁ...

କ୍ରିତି ସାନନ ନିଜ ଆକ୍ଟିଂ କ୍ୟାରିୟର ପ୍ରତି ବେଶ୍ ସଚେତନ। ଦେଖୁନାହାନ୍ତି, ଦର୍ଶକଙ୍କୁ ପ୍ରଭାବିତ କରିବା ଭଳି ଭୂମିକାକୁ ସେ କେମିତି ଗୁରୁତ୍ୱ ଦେଉଛନ୍ତି। କେବଳ ସେଥିପାଇଁ ସେ ନିକଟରେ ତିନୋଟି ଅଫର ହାତଛଡ଼ା କରିଛନ୍ତି। ନିଜର ଏଭଳି ଆଭିମୁଖ୍ୟ ବିଷୟରେ କ୍ରିତି କହନ୍ତି, 'ଅଭିନୟ ହେଉଛି ଆମର ପରିଚୟ। ଏଣୁତେଣୁ ଗୁଡ଼ାଏ ସିନେମାରେ ଅଭିନୟ କରିବା ଅପେକ୍ଷା ବର୍ଷକୁ ଯଦି ୨-୩ଟି ସିନେମାରେ ଆକ୍ଟିଂ କରିବାର ସୁଯୋଗ ମିଳେ ତେବେ କିଛି କ୍ଷତି ନାହିଁ। ଏବେଠାରୁ ହିଁ ମୋତେ କ୍ୟାରିୟର ପ୍ରତି ସଚେତନ ରହିବାକୁ ପଡ଼ିବ। ସେଥିପାଇଁ ନିକଟରେ ମୋତେ ମିଳିଥିବା କେତୋଟି ଅଫରକୁ ହାତଛଡ଼ା କରିଛି। କାରଣ ସେଗୁଡ଼ିକରେ ମୋତେ ମିଳିଥିବା ଭୂମିକା ଯେ ମୋ କ୍ୟାରିୟରକୁ ମାଇଲେଜ ଦେଇଥାଆନ୍ତା-ଏ ବିଶ୍ୱାସ ମୋର ଆସି ନ ଥିଲା। ତେଣୁ ଅଫରଗୁଡିକୁ ରେଡ୍ ସିଗ୍‌ନାଲ ଦେଖାଇଥିଲି।' ନିକଟରେ କ୍ରିତି ଅଭିନୟ କରିଥିବା ନୂଆ ସିନେମା 'ମିମି'ର ପ୍ରଥମ ଟ୍ରେଲର ରିଲିଜ ହୋଇଛି। ଏହାକୁ ଦେଖିବା ପରେ ତାଙ୍କୁ ବେଶ୍ ପ୍ରଶଂସା କରିଛନ୍ତି କଙ୍ଗନା ରାଣାୱତ।


କ୍ରିତି

# ସତ ମାନିଲେ ମୃଣାଳ

ମରାଠୀ ଅଭିନେତ୍ରୀ ମୃଣାଳ ଠାକୁର। ହୃତିକଙ୍କ ଅଭିନୀତ 'ସୁପର ୩୦'ରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ତା'ପରେ 'ତୁଫାନ୍'ରେ ଫରହାନ ଅଖତରଙ୍କ ଅପୋଜିଟ୍‌ରେ ତାଙ୍କୁ ଦେଖିବାକୁ ମିଳିଥିଲା। ଆଉ ଏବେ ନିର୍ମାଣାଧୀନ ହିନ୍ଦୀ ସିନେମା 'ଜର୍ସି'ରେ ସେ ଅଭିନୟ କରୁଛନ୍ତି। ଏହାର ନାୟକ ଭୂମିକାରେ ଅଛନ୍ତି ଶାହୀଦ କପୁର। କିନ୍ତୁ ଏହି ଫିଲ୍ମର ଶୁଟିଂ ସମୟରେ ଥରେ ମୃଣାଳ ଡାଏଲଗ କହିବାକୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଯେତେଥର ପ୍ରସ୍ତୁତ ହେଉଥାଆନ୍ତି ଠିକ୍ କ୍ୟାମେରା ରୋଲ୍ କଲା ବେଳକୁ ପୁଣି ଭୁଲ ହୋଇଯାଉଥାଆନ୍ତି। ହେଲେ ତା' ପଛରେ କି କାରଣ ଥିଲା ତାହାର ଗୁମର ଖୋଲିଛନ୍ତି ସେ। ଏ ସମ୍ପର୍କରେ ମୃଣାଳ କହନ୍ତି, 'ସେଦିନ ମୁଁ ଡାଏଲଗ କହିବାକୁ ଅସୁବିଧାର ସମ୍ମୁଖୀନ ହୋଇଥିଲି। ତାହାର ଅସଲ କାରଣ ହେଲା, ଶାହୀଦଙ୍କୁ ମୁଁ ସାମ୍‌ନାର ଦେଖି ନର୍ଭସ ହୋଇପଡ଼ିଥିଲି। ତେଣୁ ଡାଏଲଗ କହିବାକୁ ଭୁଲି ଯାଇଥିଲି। ତା'ପରେ କିଛି ସମୟ ରେଷ୍ଟ ନେବା ପରେ ମୁଁ ସାଧାରଣ ଅବସ୍ଥାକୁ ଆସିଥିଲି ଏବଂ ୨-୩ଟି କଟ୍ ପରେ ଶଟ୍ ଓକେ ହୋଇଥିଲା।

ପ୍ରଥମ ରୋଜଗାର



# ବାପାଙ୍କର ପ୍ରିୟ ବହି କିଣିଥିଲି

ସାହିତ୍ୟିକ **ଲକ୍ଷ୍ମଣ କୁମାର** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଜୀବନରେ ପ୍ରଥମ ରୋଜଗାର କଥା ଭାବିଲା ମାତ୍ରକେ ମୋତେ ଅନେକ ବର୍ଷ ପଛକୁ, ମୋର ଆଦ୍ୟ କଲେଜ ଜୀବନ ପାଖକୁ ଫେରିଯିବାକୁ ପଡୁଛି। ଶୈଶବକାଳରୁ ମୋ ଭିତରେ ଯିଏ ସାହିତ୍ୟ ସଂପ୍ରୀତି ସଞ୍ଚାର କରିଥିଲେ- ସେ ହେଉଛନ୍ତି ମୋ ପୂଜ୍ୟ ବାପା ଦୟାନିଧି ପ୍ରଧାନ। ମୋର ଗପ ଓ କବିତା କେଉଁଠି ପ୍ରକାଶ ପାଇଲେ ବାପାଙ୍କର ଯେଉଁ ଆନନ୍ଦ ତାହାକୁ ଭାଷାରେ ପ୍ରକାଶ କରିବାକୁ ମୁଁ ଅକ୍ଷମ। ତେବେ ପ୍ରଥମେ ପ୍ରଥମେ କବିତା ଲେଖାରୁ ମୋର ସୃଜନ ଯାତ୍ରା ଆରମ୍ଭ କରିଥିଲି। ଆଦ୍ୟ କଲେଜ ଜୀବନରେ ପ୍ରଚୁର ଉତ୍ସାହର ସ୍ଫୁଲିଙ୍ଗ ଭରି ଦେଇଥିଲେ ମୋର ପୂଜ୍ୟ ସାର୍ ପ୍ରଫେସର୍ ମଣୀନ୍ଦ୍ର କୁମାର ମେହେର। ବରପାଲି ମହାବିଦ୍ୟାଳୟରେ ଯୁକ୍ତ୨ ପଢୁଥିବାବେଳେ ମୋର ଦୁଇଟି କବିତା ଆକାଶବାଣୀ ସମ୍ବଲପୁରର ଯୁବବାଣୀ କାର୍ଯ୍ୟକ୍ରମର ସାହିତ୍ୟ ପତ୍ରିକା ପାଇଁ ପଠାଇଥିଲ। ୧୯୯୨ ଡିସେମ୍ବର ସତର ତାରିଖ ଥିଲା ସେ କବିତାର ରେକର୍ଡିଂ। ମୋର ବଡ଼ଭାଇଙ୍କ ସହ ଆକାଶବାଣୀ ସମ୍ବଲପୁର କେନ୍ଦ୍ରକୁ ଯାଇଥିଲି। ସେଦିନ ମୋର ରେକର୍ଡିଂ ନେଇଥିଲେ,ଏଇ କିଛିଦିନ ତଳେ ଆକାଶବାଣୀର ନିର୍ଦ୍ଦେଶକ ପଦରୁ ଅବସର ଗ୍ରହଣ କରିଥିବା ପ୍ରଫୁଲ୍ଲ କୁମାର ମାଝୀ। ମାଝୀ ସାର୍ ସେତେବେଳେ ଯୁବବାଣୀ କାର୍ଯ୍ୟକ୍ରମର ପ୍ରସାର କାର୍ଯ୍ୟନିର୍ବାହୀ ଥାଆନ୍ତି। ସେଦିନ ପ୍ରୋଗ୍ରାମ୍ ରେକର୍ଡିଂ ପରେ ପ୍ରଫୁଲ୍ଲ ସାର୍ ଆକାଶବାଣୀର ଡ୍ୟୁଟି ରୁମ୍‌ରେ ମୋ ହାତକୁ ଶହେ ପନ୍ଦର ଟଙ୍କାର ଚେକ୍ ଖଣ୍ଡିଏ ବଢାଇ ଦେଇଥିଲେ। ସେଦିନ ଚେକ୍‌ଟି ଆଣି ଷ୍ଟେଟ୍ ବ୍ୟାଙ୍କ୍‌ରେ ମୋ ଆକାଉଣ୍ଟରେ ଜମା କରିଥିଲି। ତା'ର କିଛିଦିନ ପରେ ସେ ଟଙ୍କା କାଢିଥିଲି; ଯାହାକି ଥିଲା ମୋ ପ୍ରଥମ ଉପାର୍ଜନ। ସେହି ଟଙ୍କାରେ ସେଦିନ ବାପାଙ୍କ ପ୍ରିୟ ପୁସ୍ତକଙ୍କ ମଧ୍ୟରୁ ଅନ୍ୟତମ କବି ଗଙ୍ଗାଧରଙ୍କ ଅବିସ୍ମରଣୀୟ କାବ୍ୟ ତପସ୍ୱିନୀ କିଣିଥିଲି ବାପାଙ୍କ ପାଇଁ ଗଙ୍ଗାଧର ପୁସ୍ତକାଳୟରୁ। ମୋ ପାଇଁ କିଣିଥିଲି କବି ବିନୋଦ ଚନ୍ଦ୍ର ନାୟକଙ୍କ କବିତା ସଞ୍ଚୟନର ଦ୍ୱିତୀୟ ଭାଗ। ସେତେବେଳେ କବି ବିନୋଦ ଚନ୍ଦ୍ର ନାୟକ ଓଡ଼ିଶା ସାହିତ୍ୟ ଏକାଡେମୀର ଉପ-ସଭାପତି ଥାନ୍ତି। ମୋତେ ଏକ ଚିଠିର ପ୍ରତ୍ୟୁତ୍ତରରେ ସେ ଲେଖିଥିଲେ ତାଙ୍କର ସମସ୍ତ କବିତା ଗ୍ରନ୍ଥାବଳୀ ଆକାରରେ ପ୍ରକାଶ ପାଇଯାଇଛି। ସେହି ବର୍ଷ ମଧ୍ୟ ଗଙ୍ଗାଧର ଜୟନ୍ତୀ ଅବସରରେ ବରପାଲି ଆସିଥିବାବେଳେ କବି ବିନୋଦ ଚନ୍ଦ୍ର ନାୟକଙ୍କୁ ସାକ୍ଷାତ କରି ପ୍ରଚୁର ଆନନ୍ଦ ଲାଭ କରିଥିଲି। ସୁତରାଂ ଏହି ବହି ଦୁଇଟି- ଗୋଟିଏ ବାପାଙ୍କ ପାଇଁ ଓ ଅନ୍ୟଟି ମୋ ଲାଗି କିଣି ମୁଁ ଭାରି ଖୁସି ଥିଲି। ଘରକୁ ଆସି ବାପାଙ୍କୁ ତପସ୍ୱିନୀ କାବ୍ୟଟି ବଢାଇ ଦେଇଥିଲି ଏବଂ କହିଥିଲି: ରେଡିଓ ପ୍ରୋଗ୍ରାମ୍‌ରୁ ପାଇଥିବା ପଇସାରେ ଏ ବହି କିଣିଛି ବୋଲି। ବାପା ଭାରି ଆନନ୍ଦିତ ହୋଇଥିଲେ। କହିବା ବାହୁଲ୍ୟ, ବାପାଙ୍କ ଠାରୁ ବହୁ ବିଖ୍ୟାତ କବିଙ୍କ କାବ୍ୟ ଏବଂ ରାମାୟଣ, ମହାଭାରତର କେତେ ପୁଲକପ୍ରଦ ଅଧ୍ୟାୟ ଶୁଣି ମୋ ଅଜାଣତରେ ମୋ ଚେତନାକୁ ନିର୍ମାଣ କରିଛି। ବାପା ଆଜି ସ୍ୱର୍ଗତ। ୨୦୧୯ ଏପ୍ରିଲ୍ ୨୫ରୁ ସେ ଆମମାନଙ୍କୁ ଛାଡି ବାହୁଡି ଗଲେଣି। କିନ୍ତୁ ବାପା ମୋ ଭିତରେ ଭରି ଦେଇଥିବା ସ୍ୱପ୍ନ, ସୃଜନ ଓ ସଂକଳ୍ପ ହିଁ ମୋତେ ନିରନ୍ତର ବାଟ ଦେଖାଉଛି। କେତେ ଝଡ଼, କେତେ ଅନ୍ଧକାର ଆସିଛି ଜୀବନରେ, ମୁଁ କିନ୍ତୁ ହାରି ଯାଇନାହିଁ କେବେ ବି। ଯାହାବି ଯେତିକି ସ୍ୱଳ୍ପ ଅର୍ଥ ଏଯାବତ୍ ଆସିଛି ମୋ ଜୀବନରେ- ତା'ର ବହୁଳାଂଶ ମୋର ସୃଜନ ଜୀବନର ନିର୍ମାଣରେ ବ୍ୟୟ କରିଛି। ବହିଟିଏ କିଣିଲେ ମୋତେ ଲାଗେ ମୁଁ ଦୀପଟିଏ କିଣୁଛି। ବହି ସବୁ ମୋ ପାଇଁ ଦୀପଂ ଜ୍ୟୋତି। ମୋ ଚେତନାର କୋଠରିକୁ ସେମାନେ ଆଲୋକିତ କରନ୍ତି। ନୂଆ ନୂଆ ବହି ଅଧ୍ୟୟନରେ ମୁଁ ଯେମିତି ଆଲୋକ ସ୍ନାନ କରୁଥାଏ।




# ଲାଜୁଆ ଚାହାଣି ମୁରୁକି ହସ, ସହଜେ ଫିଟେନା ପ୍ରେମର ଫାଶ

**ପ୍ରଶ୍ନ**–ଜଣେ ଝିଅ ମୋତେ କଣେଇ କଣେଇ ଚାହୁଁଛି। ତା'ର ସେହି ଚାହାଣିରେ ଲାଜ ଭରି ରହିଛି। ହେଲେ ସେ ମୋତେ ପ୍ରେମ କରୁଛି କି ନାହିଁ ବୋଲି କେମିତି ଜାଣିବି ?

*–ଅନୁପମ ସାହୁ, ବ୍ରହ୍ମପୁର*

**ଉତ୍ତର:** 'ଲାଜୁଆ ଚାହାଣି ମୁରୁକି ହସ, ସହଜେ ଫିଟେନା ପ୍ରେମର ଫାଶ।' ହେଲେ ଟିକିଏ ମଗଜ ଖଟାଇଲେ ଏପରି ପ୍ରଶ୍ନର ଉତ୍ତର ନିଜେ ପାଇଯିବେ। ସେହି ଝିଅର ଚାହାଣିରେ କ'ଣ ରହିଛି ତାହା ଭଲ ଭାବରେ ଷ୍ଟଡି କରନ୍ତୁ। ଯଦି ସେଥିରୁ ପ୍ରେମର ଝଲକ ପାଇଲେ ତେବେ ବେଳକାଳ ଦେଖି ମନର କଥା ତା' ସାମ୍‌ନାର ଓଗାଳି ପକାନ୍ତୁ। କାରଣ ମନ ଏମିତି ଏକ ଜିନିଷ, କାହା ହୃଦୟରେ କେତେବେଳେ ବସା ବାନ୍ଧିବ ତାହା ଆକଳନ କରିବା କଷ୍ଟ। ଯଦି ସେ ଆପଣଙ୍କୁ ତା' ମନ ମନ୍ଦିରରେ ବସାଇ ସାରିଥିବ ତେବେ ଆପଣଙ୍କ ନିଜ ପଟୁ ସିଗ୍‌ନାଲ ଦିଅନ୍ତୁ ନା ! ତା'ପରେ ଦେଖିବେ ପ୍ରେମର ଗାଡ଼ି କେମିତି ସର୍ ସର୍ ହୋଇ ଆଗକୁ ଗଡ଼ିଯିବ।

**ପ୍ରଶ୍ନ**–ମୁଁ ଥରେ ଜଣେ ଝିଅକୁ 'ଆଇ ଲଭ୍ ୟୁ' କହିଲି। ସେ ମୋ କଥା ଶୁଣି ହସିଦେଲା। ହେଲେ ଏ ଘଟଣାର କିଛି ମାସ ପରେ ଯେତେବେଳେ ତା' ସହ ଦେଖାହେଲା, ସେ ମୋତେ ଚିହ୍ନି ପାରିଲା ନାହିଁ। ଏମିକି କାହିଁକି ହେଲା ?

*–ସୁଜିତ ନାୟକ, ରାଉରକେଲା*

**ଉତ୍ତର:** ଯେତେବେଳେ ଆପଣ ସେହି ସୁନ୍ଦରୀକୁ 'ଆଇ ଲଭ୍ ୟୁ' କହିଲେ ଆଉ ସେ କଥା ଶୁଣି ସେହି ମୃଗନୟନୀ ହସିଦେଲା, ସେତିକି ବେଳେ ତା' ନାଁ, ଗାଁ, ଠିକଣା ବୁଝି ନେଇଥାଆନ୍ତେ। ତା'ସହ ଦୁହିଁଙ୍କ ଭିତରେ ସେତେବେଳଠାରୁ ନେଟ୍‌ୱର୍କ ଆକ୍ଟିଭ ରହିଥିଲେ ଭଲ ହୋଇଥାଆନ୍ତା। ଏବେ ଯାହା ଜଣାପଡୁଛି, ସେହି ପ୍ରେମ କେବଳ ସାମୟିକ ଥିଲା। ବର୍ତ୍ତମାନ ଯଦି ସେ ଆପଣଙ୍କୁ ଦେଖି ଚିହ୍ନି ପାରୁନି ତେବେ ଧରି ନିଅନ୍ତୁ ଆଉ ସେ ପ୍ରେମ ଏବେ ରଙ୍ଗହୀନ, ସ୍ୱାଦହୀନ ହୋଇପଡିଛି। ତେଣୁ ଏପରି ଫେଲ୍ୟୁର ନେଟ୍‌ୱର୍କରେ ଆଉ ଚେଷ୍ଟା ନ କରି ନୂଆ ନମ୍ବର ଡାଏଲ କଲେ ଭଲ ହେବ।

**ପ୍ରଶ୍ନ**–ପ୍ରେମରେ ଝିଅମାନେ ଧୋକା ଦିଅନ୍ତି କାହିଁକି ?

*–ଅମ୍ରିତ କୁମାର, ବାଲେଶ୍ୱର*


**ଉତ୍ତର:** ପ୍ରେମରେ କିଏ କାହାକୁ ଧୋକା ଦେଲା– ତାହା ଏକ ଗହନ କଥା। ଏଥିରେ ଅନେକେ ପ୍ରେମିକାକୁ ଦୋଷ ଦେଇଥାଆନ୍ତି। ହେଲେ ଅନେକ କ୍ଷେତ୍ରରେ ପ୍ରେମିକ ଯେ ଦୋଷୀ ନୁହେଁ ତାହାର ଗ୍ୟାରେଣ୍ଟି କିଏ ଦେବ ? ଯଦି ପ୍ରେମ କରୁଛନ୍ତି କିମ୍ବା କରିବାକୁ ଅଣ୍ଟା ଭିଡିଛନ୍ତି ତେବେ 'ଧୋକା' ପରି ଭାଇରସକୁ ପ୍ରଥମେ ମନରୁ ଉତାରି ଦିଅନ୍ତୁ। ନ ହେଲେ ଏଥପାଇଁ ମନରେ ସନ୍ଦେହର କୁହେଳିକା କୁହୁଳିବା ଆରମ୍ଭ ହେଲେ ଆପଣଙ୍କ ପ୍ରେମ ଧୀରେ ଧୀରେ ଖଇଚିଆ ହୋଇଯିବ।


**ପ୍ରଶ୍ନ**–ବିଶେଷଭାବରେ କଲେଜରେ ପାଦ ଦେବା ସମୟରେ ପୁଅ-ଝିଅ କାହିଁକି ପ୍ରେମରେ ପଡ଼ିଥାଆନ୍ତି ?

*–ଦୁଷ୍ମନ୍ତ ରାଉତ, କେନ୍ଦ୍ରାପଡ଼ା*

**ଉତ୍ତର:** କଲେଜରେ ପାଦ ଦେବା ସମୟରେ ଅନେକଙ୍କର ମନ ଆକାଶରେ ଉଡୁଥାଏ। ସେତିକି ବେଳେ ଯଦି ମନ ଟିକେ ପ୍ରେମ ଆଡକୁ ଢଳିଗଲା ତେବେ ତାହାକୁ ନିୟନ୍ତ୍ରଣ କରିବା ସହଜ ହୋଇ ନ ଥାଏ। ବାସ୍, ତା'ପରେ ଆରମ୍ଭ ହୋଇଯାଏ ମନର ମଣିଷ ଖୋଜା। କେତେକେ ସେତେବେଳେ ପ୍ରେମର ସଂଜ୍ଞାକୁ ଠିକ୍ ଭାବରେ ପଢ଼ି ନ ଥାନ୍ତି। ତେଣୁ କିଛି ବାଟ ଆଗେଇବା ପରେ ସେମାନେ ବାଟବଣା ହୁଅନ୍ତି। ଏପରି କି ସେଥିପାଇଁ ସେମାନଙ୍କର କ୍ୟାରିୟର ପ୍ରଭାବିତ ହୋଇଥାଏ। ତେଣୁ ସେତେବେଳେ ଯଦି ପ୍ରେମର ନିଶା ଘାରିଲା ତେବେ 'ଧୀର ପାଣି ପଥର କାଟେ' ନୀତି ଆପଣେଇବା ଭଲ।







# ଷ୍ଟାଇଲିଶ୍ ଲୁକ୍ ପାଇଁ ଟାଟୁ

ଆଜିକାଲିର ଫ୍ୟାଶନ ଦୁନିଆରେ ଷ୍ଟାଇଲିଶ୍ ଦେଖାଯିବାକୁ କାହାର ବା ଇଚ୍ଛା ନୁହେଁ। ସେଥିପାଇଁ କିଏ ନାନା ପ୍ରକାରର ପ୍ରସାଧାନ ସାମଗ୍ରୀ ବ୍ୟବହାର କରନ୍ତି ତ ଆଉ କିଏ ମଡର୍ନ ଆଉଟ୍‌ଫିଟ୍‌କୁ ଟ୍ରାଏ କରିଥାନ୍ତି। ସେହିପରି ଆଟ୍ରାକ୍ଟିଭ୍ ଲୁକ୍ ପାଇଁ ଦେହରେ ଟାଟୁ କରିବା ବି ଏବେ ଏକ ନୂଆ ଟ୍ରେଣ୍ଡରେ ପରିଣତ ହେଲାଣି। ତେବେ ଏହି ଟାଟୁକୁ ଶରୀରର କେଉଁ ସ୍ଥାନରେ କଲେ ଅଧିକ ଆକର୍ଷଣୀୟ ଲାଗିଥାଏ ଆସନ୍ତୁ ଜାଣିବା ସେ ସମ୍ପର୍କରେ...

**✲ବେକର ପଛ ଭାଗରେ:** ବେକର ପଛପଟେ ଟାଟୁ କରିବାର ଟ୍ରେଣ୍ଡ ଏବେ ଖୁବ୍ ଚାଲିଛି। ଖାସ୍ କରି ମଡର୍ନ ଯୁବତୀମାନେ ଏହାକୁ ପସନ୍ଦ କରିଥାନ୍ତି। ଜିନ୍ସ, ଟି-ଶାର୍ଟ ସାଙ୍ଗକୁ ବନ୍ ହେୟାର୍ ଷ୍ଟାଇଲ୍‌ରେ ବେକ ପଛପଟେ କରାଯାଇଥିବା ଏହି ଟାଟୁ ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗିଥାଏ।

**✲କଟଟିରେ:** କଟଟିରେ ଟାଟୁ କରିବା ପାଇଁ ସମୟ ଟିକେ କମ୍ ଲାଗିଥାଏ। ତେବେ ମନେ ରଖିବେ, ଯେବେ ବି କଟଟିରେ ଟାଟୁ କରିବେ, ଏହାର ଦରଜ ନ କମିବା ପର୍ଯ୍ୟନ୍ତ ହାତରେ କୌଣସି ଜୁଏଲେରୀ ପିନ୍ଧିବେ ନାହିଁ। ନଚେତ୍ ଏହାଦ୍ୱାରା ଇନ୍‌ଫେକସନ୍ ହେବାର ସମ୍ଭାବନା ରହିଥାଏ। ସେହିପରି ଆବଶ୍ୟକ ପଡିଲେ ଚୁଡି କିମ୍ବା ହାତଘଣ୍ଟା ପିନ୍ଧି ଏହାକୁ ଆରାମରେ ଲୁଚାଇ ମଧ୍ୟ ପାରିବେ।

**✲ହାତ ଆଙ୍ଗୁଠିରେ:** ହାତର ଆଙ୍ଗୁଠିରେ ବି ଯୁବତୀମାନେ ଚାହିଁଲେ ଟାଟୁ କରି ଆକର୍ଷଣୀୟ ଲୁକ୍ ପାଇ ପାରିବେ। ତେବେ ଆଙ୍ଗୁଠିରେ କରାଯାଉଥିବା ଏହି ଟାଟୁ ଖୁବ୍ ଛୋଟ ଛୋଟ ଦେଖାଯାଉ ଥିବାରୁ ଏହା ବେଶ୍ କ୍ୟୁଟ୍ ଲାଗିଥାଏ।

**✲ଗୋଇଠି:** ଗୋଇଠିରେ ବି ଟାଟୁ କରିବାର ଟ୍ରେଣ୍ଡ ଏବେ ଖୁବ୍ ଚାଲିଛି, କିନ୍ତୁ ଏହା ବେଶ୍ କଷ୍ଟଦାୟକ ହୋଇଥାଏ। ଯିଏ ଏହି କଷ୍ଟ ସହିପାରିଲା ତାହା ପାଇଁ ଏ ଟାଟୁ କରିବାରେ କୌଣସି ଅସୁବିଧା ନାହିଁ। ବିଶେଷକରି ଫ୍ଲାୱାର୍ ଡିଜାଇନ୍‌ର ଟାଟୁ ଗୋଇଠିକୁ ଭଲ ମାନିଥାଏ। ସର୍ଟ୍ସ କିମ୍ବା ଆଙ୍କେଲ୍ ଲେଙ୍ଗ୍‌ଥ ଜିନ୍ସ ସାଙ୍ଗକୁ ହାଇହିଲ୍ ପିନ୍ଧି ଏହି ଟାଟୁକୁ ଆରାମରେ ହାଇଲାଇଟ୍ କରିହୁଏ।

**✲କାନର ଭିତର ପାର୍ଶ୍ୱ ଓ ବାହାର ପାର୍ଶ୍ୱରେ:** ଆଜିକାଲି କାନ ପାଖରେ ବି ଟାଟୁ କରି ଭିନ୍ନ ଲୁକ୍ ପାଇବାର ପ୍ରୟାସ କରାଯାଉଛି, ଯାହାକି ଏବେ ଲାଟେଷ୍ଟ ଟ୍ରେଣ୍ଡରେ ପରିଣତ ହୋଇଛି। କିନ୍ତୁ କାନ ଭଳି ଏକ ସୂକ୍ଷ୍ମ ସ୍ଥାନରେ ଟାଟୁ କରିବା ଏତେ ସହଜ କଥା ନୁହେଁ। ଏହା ଖୁବ୍ ପୀଡ଼ାଦାୟକ ହୋଇଥାଏ। ତେଣୁ ଖୁବ୍ ହୁସିଆର୍ ସହକାରେ ଏହି ଟାଟୁ କରିବା ଆବଶ୍ୟକ।


**✲ବାହୁରେ:** ନିଜ ବ୍ୟକ୍ତିତ୍ୱକୁ ସୁହାଇଲା ଭଳି ଟିକେ ବଡ ସାଇଜ୍‌ର ଟାଟୁ ବାହୁରେ କଲେ ଖୁବ୍ ଆକର୍ଷଣୀୟ ଲାଗିଥାଏ, ତେଣିକି ସେ ଫ୍ଲାୱାର୍ ଡିଜାଇନ୍ ହେଉ ଅବା କିଛି ବି ଥିମ୍ ଡିଜାଇନ୍‌ର ଟାଟୁ ହେଉ। କିନ୍ତୁ ଏହି ଟାଟୁକୁ ହାଇଲାଇଟ୍ କରିବା ପାଇଁ ସ୍ଲିଭ୍‌ଲେସ୍ ଟପ୍ସ ପିନ୍ଧିବା ବି ଜରୁରୀ।

**✲ନାଭି କିମ୍ବା ଅଣ୍ଟାରେ:** ମହିଳାମାନଙ୍କର ଅଣ୍ଟା ଭାଗଟି ଖୁବ୍ ଆକର୍ଷଣୀୟ ହୋଇଥାଏ। ଏହାକୁ ଆହୁରି ଆକର୍ଷଣୀୟ କରିବା ପାଇଁ କୌଣସି ସୁନ୍ଦର ଡିଜାଇନ୍‌ର ଟାଟୁ ବି ସେଠାରେ କରିପାରିବେ। ନାଭି ଅଂଶରେ ମଧ୍ୟ ଟାଟୁ ଖୁବ୍ ସୁନ୍ଦର ଦେଖାଯାଇଥାଏ। ସରୁ, ପତଳା ଅଣ୍ଟା ସାଙ୍ଗକୁ ଆକର୍ଷଣୀୟ ଟାଟୁ ଡିଜାଇନ୍ ମହିଳାମାନଙ୍କୁ ଆଟ୍ରାକ୍ଟିଭ୍ ଲୁକ୍ ଦେଇଥାଏ।

**ପିଠିରେ:** ମହିଳାମାନେ ଚାହିଁଲେ ପିଠିରେ ବି ଟାଟୁ କରିପାରିବେ। ତେବେ ଏହି ଟାଟୁକୁ ହାଇଲାଇଟ୍ କରିବାକୁ ହେଲେ କୌଣସି ଡିପ୍ ବେକ ଥିବା ଆଉଟ୍‌ଫିଟ୍ କିମ୍ବା ଡିପ୍ ନେକ୍‌ର ବ୍ଲାଉଜ୍ ସାଙ୍ଗକୁ ଆକର୍ଷଣୀୟ ଶାଢି ପିନ୍ଧିଲେ ଲୁକ୍ ଖୁବ୍ ଗର୍ଜିୟସ୍ ଲାଗିଥାଏ।

ତେବେ ଟାଟୁ କରିବା ଖୁବ୍ କଷ୍ଟଦାୟକ ହୋଇଥାଏ। ବେଳେବେଳେ ଏହାଦ୍ୱାରା ଇନ୍‌ଫେକ୍ସନ୍ ବି ହୋଇଯାଏ। ତେଣୁ ଟାଟୁ କରିବା ପୂର୍ବରୁ ଏହା ଶରୀରକୁ ସୁଟ୍ କରିବ ନା ନାହିଁ ସେ ନେଇ ପ୍ରଥମେ ତର୍ଜମା କରିବା ଆବଶ୍ୟକ।







# ହାଃ ହାଃ

## ପାଗଳ

ସ୍ୱାମୀ ସ୍ତ୍ରୀକୁ– ମୁଁ ତୁମକୁ ବହୁତ ଭଲପାଏ। ତମର କ'ଣ ହେଇଗଲେ ମୁଁ ପାଗଳ ହେଇଯିବି।
ସ୍ତ୍ରୀ– ଦ୍ୱିତୀୟ ବିବାହ କରିବନି ତ ?
ସ୍ୱାମୀ– ଏକ ପାଗଳ ଉପରେ କ'ଣ ଭରସା। ସେ ତ କିଛି ବି କରିପାରେ।

## ଡାଲି

ସ୍ୱାମୀ– କେମିତିଆ ଡାଲି କରିଛ ପୂରା ପାଣି ଭଳି ଲାଗୁଛି। ସ୍ୱାଦ ବୋଲି ଟିକେ ନାହିଁ। ଦିନରାତି ଖାଲି ମୋବାଇଲ୍‌କୁ ଚାହିଁ ରହୁଛ। କାମରେ ଜମାରୁ ଧ୍ୟାନ ନାହିଁ।
ସ୍ତ୍ରୀ– ଆଗ ତମେ ତମ ମୋବାଇଲ ଦେଖା ବନ୍ଦ କର। ବହୁତ ସମୟ ହେଲାଣି ଦେଖୁଛି ତମେ ରୁଟିକୁ ଡାଲିରେ ନ ବୁଡ଼େଇ ପାଣିରେ ବୁଡ଼େଇ ଖାଉଛ।

## ଚଷମା

ପିଣ୍ଟୁ ଚଷମା ଦୋକାନୀକୁ– ଗୋଟେ ପାୱାରବାଲା ଚଷମା ଦିଅନ୍ତୁ।
ଦୋକାନୀ– କାହା ପାଇଁ ?
ପିଣ୍ଟୁ– ଆମ ସାର୍‌ଙ୍କ ପାଇଁ।
ଦୋକାନୀ– ପାୱାର କେତେ ଜାଣିଛ ?
ପିଣ୍ଟୁ–ଜାଣିନି। ହେଲେ ଏତିକି ଜାଣିଛି ତାଙ୍କ ଆଖିକୁ ଭଲ ଦେଖାଯାଉନି।
ଦୋକାନୀ– କେମିତି ଜାଣିଲ ?
ପିଣ୍ଟୁ– କାହିଁକି ନା ମୁଁ ତାଙ୍କୁ ସବୁବେଳେ ଗଧ ହିଁ ଦେଖାଯାଉଛି।

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।




ତନୁଶ୍ରୀ

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ







**ଜମ୍ମୁ-କଶ୍ମୀରର ପୁଲ୍ୱାମା ଜିଲାରେ ଅବସ୍ଥିତ ଅୱନ୍ତିପୋରାରେ ପର୍ଯ୍ୟଟକ ଧାର୍ମିକ ପୀଠ, ହ୍ରଦ ତଥା ପାହାଡ଼, ଜଙ୍ଗଲ ଆଦି ଦେଖିବାର ସୁଯୋଗ ପାଇପାରିବେ। ତା'ସହିତ ସେଠାକାର ସଂସ୍କୃତି ଓ ପରମ୍ପରାକୁ ନିକଟରୁ ଜାଣିପାରିବେ ...**



# ଧାର୍ମିକ ମହତ୍ତ୍ୱରେ ଭରା ଅୱନ୍ତିପୋରା

ଜମ୍ମୁ-କଶ୍ମୀରକୁ ପୃଥିବୀର ସ୍ୱର୍ଗ ବୋଲି କୁହାଯାଇଥାଏ। ଏହା ନିଜର ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ଅପୂର୍ବ ସଂସ୍କୃତି, ବ୍ୟଞ୍ଜନ ତଥା ଧାର୍ମିକସ୍ଥଳ ପାଇଁ ବେଶ୍ ପ୍ରସିଦ୍ଧି ଲାଭ କରିପାରିଛି। ଏଥିସହିତ ଅନେକ ପ୍ରାଚୀନ ମନ୍ଦିର ତଥା ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ମାରକୀ ପାଇଁ ବି ଏହାର ବହୁ ଖ୍ୟାତି ରହିଛି। ଅୱନ୍ତିପୋରା ହେଉଛି ଜମ୍ମୁ-କଶ୍ମୀରର ଏମିତି ଏକ ପର୍ଯ୍ୟଟନସ୍ଥଳୀ ; ଯାହା ନିଜର ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ଧାର୍ମିକ ମାନ୍ୟତା ପାଇଁ ମଧ୍ୟ ଜଣାଯାଇଥାଏ। ପୁଲୱାମା ଜିଲାରେ ଅବସ୍ଥିତ ଅୱନ୍ତିପୋରାରେ ଦେଖିବା ପାଇଁ ରହିଛି ଅନେକ ଆକର୍ଷଣୀୟ ସ୍ଥାନ, ଯାହା ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ଖାସ୍ ସେଥିପାଇଁ ଏଠାରେ ପ୍ରାୟ ଆଗନ୍ତୁକଙ୍କ ଭିଡ଼ ଦେଖିବାକୁ ମିଳେ।

**ଇତିହାସ:** ଅୱନ୍ତିପୋରାର ନାମ ଉତ୍ପଳ ରାଜବଂଶର ପ୍ରଥମ ରାଜା ଅୱନ୍ତିବର୍ମନଙ୍କ ନାମାନୁସାରେ ରଖାଯାଇଥିବା ସୂଚନା ରହିଛି ; ଯିଏକି କଶ୍ମୀରରେ ୮୫୫ ଖ୍ରୀଷ୍ଟାବ୍ଦରୁ ୮୮୩ ଖ୍ରୀଷ୍ଟାବ୍ଦ ଯାଏଁ ଶାସନ କରିଥିଲେ। ତା'ସହିତ ସିଏ ଅୱନ୍ତିପୋରାରେ ଅୱନ୍ତିସ୍ୱାମୀ ଓ ଅୱନ୍ତିଶ୍ୱର ନାମରେ ଦୁଇଟି ହିନ୍ଦୁ ମନ୍ଦିର ମଧ୍ୟ ନିର୍ମାଣ କରାଇଥିଲେ, ଯାହାକୁ ଏବେ ଲୋକପ୍ରିୟ ଧାର୍ମିକପୀଠ ଭାବେ ଗଣାଯାଉଛି। କେବଳ ଏହି ଦୁଇଟି ମନ୍ଦିର ନୁହେଁ ଅୱନ୍ତିପୋରାରେ ଆହୁରି ଅନେକ ଛୋଟବଡ଼ ମନ୍ଦିର ବି ଅଛି, ଯାହାକୁ ଭାରତୀୟ ପୁରାତତ୍ତ୍ୱ ସର୍ବେକ୍ଷଣ ବିଭାଗ ଦ୍ୱାରା ସଂରକ୍ଷିତ କରି ରଖାଯାଇଛି।


**ଅୱନ୍ତିସ୍ୱାମୀ ଓ ଅୱନ୍ତିଶ୍ୱର ମନ୍ଦିର:** ଅୱନ୍ତିସ୍ୱାମୀ ଏକ ସୁନ୍ଦର ମନ୍ଦିର, ଯାହା ଝେଲମ୍ ନଦୀର ତଟଦେଶରେ ଅବସ୍ଥିତ। ଉତ୍ପଳ ରାଜବଂଶର ପ୍ରଥମ ରାଜା ଅୱନ୍ତିବର୍ମନଙ୍କ ଦ୍ୱାରା ନିର୍ମିତ ଏହି ମନ୍ଦିରରେ ଭଗବାନ ବିଷ୍ଣୁଙ୍କୁ ପୂଜା କରାଯାଇଥାଏ। ସେହିପରି ଏହି ମନ୍ଦିରଠାରୁ କିଛି ଦୂରରେ ରହିଛି ଅୱନ୍ତିଶ୍ୱର ମନ୍ଦିର, ଯାହାକୁ ମଧ୍ୟ ରାଜା ଅୱନ୍ତିବର୍ମନ ନିର୍ମାଣ କରାଇଥିଲେ। ଆଉ ଏହି ମନ୍ଦିରରେ ଭଗବାନ ଶିବଙ୍କୁ ପୂଜା କରାଯାଇଥାଏ। ତେବେ ଏହି ମନ୍ଦିର ଦୁଇଟିକୁ ୟୁନାନୀ ବାସ୍ତୁକଳା ଦ୍ୱାରା ନିର୍ମାଣ କରାଯାଇଥିଲା, ଯାହା ଖୁବ୍ ଆକର୍ଷଣୀୟ ଲାଗୁଥିଲା। କିନ୍ତୁ ପ୍ରାକୃତିକ ବିପ୍ରାତ ଯୋଗୁ ସମୟକ୍ରମେ ଏହି ମନ୍ଦିର ଦୁଇଟି ମାଟିରେ ପୋତି ହୋଇଯାଇଥିଲା। ଆଉ ଅଷ୍ଟାଦଶ ଶତାବ୍ଦୀ ବେଳକୁ ଇଂରେଜମାନଙ୍କ ଦ୍ୱାରା ମାଟି ଖୋଳାଯିବାରୁ ଏହି ମନ୍ଦିର ଦୁଇଟିର ଭଗ୍ନାବଶେଷ ମିଳିଥିଲା। ଆଜିବି ଏହି ମନ୍ଦିର ଦୁଇଟିର ଭଗ୍ନାବଶେଷ ନିଜର ସୌନ୍ଦର୍ଯ୍ୟପୂର୍ଣ୍ଣ ଇତିହାସର ପରିଚୟ ଦେଇଚାଲିଛି। ଆଉ ମନ୍ଦିରରେ ପୂଜା ପାଉଥିବା ଭଗବାନଙ୍କ ଉପରେ ସ୍ଥାନୀୟ ଲୋକଙ୍କର ଅତୁଟ ବିଶ୍ୱାସ ରହିଛି। ସେଥିପାଇଁ ଏଠାରେ ସର୍ବଦା ଭକ୍ତଗଣଙ୍କର ଭିଡ଼ ଦେଖିବାକୁ ମିଳିଥାଏ। ତେବେ ଏହି ଦୁଇ ମନ୍ଦିରଠାରୁ କିଛି ଦୂରରେ ରହିଛି ତୁଲିଆନ୍ ନାମକ ଏକ ହ୍ରଦ, ଯାହାର ଆକର୍ଷଣୀୟ ରୂପ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ।

**ତୁଲିଆନ୍ ହ୍ରଦ:** ଏହି ହ୍ରଦଟି ସ୍ଥାନୀୟ ପୁଲ୍ୱାମା ଓ ଅନ୍ତନନାଗ ଜିଲାର ମଧ୍ୟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ। ଏହା ସମୁଦ୍ରପତ୍ତନଠାରୁ ପ୍ରାୟ ୩,୬୮୪ ମିଟର ଉଚ୍ଚତାରେ ଅବସ୍ଥିତ। ଏତେ ଉଚ୍ଚରେ ରହିଥିବା କାରଣରୁ ଏଠାରେ ଥଣ୍ଡା ପ୍ରଚୁର ହୁଏ ଏବଂ ଶୀତଦିନେ ଏହି ହ୍ରଦର ପାଣି ବରଫ ପାଲଟିଯାଏ। ଆଉ ଖରାଦିନେ ବି ଏହି ହ୍ରଦରେ ବରଫ ଖଣ୍ଡ ଭାସୁଥିବାର ପ୍ରାୟ ଦେଖିବାକୁ ମିଳେ। ତେବେ ଦେବଦାରୁ ଜଙ୍ଗଲ ଓ ଉଚ୍ଚ ଉଚ୍ଚ ପାହାଡ଼ ଘେରା ଏହି ହ୍ରଦ ନିକଟରେ କଶ୍ମୀରର ପ୍ରକୃତ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାର ସୁଯୋଗ ରହିଛି।



**ଆଉ କ'ଣ ଦେଖିବେ:** ଅୱନ୍ତିପୋରାରୁ ମାତ୍ର ୨୮ କି.ମି. ଦୂରରେ ଥିବା ଶ୍ରୀନଗରରେ ପର୍ଯ୍ୟଟକ ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀକୁ ଉପଭୋଗ କରିପାରିବେ। ଯେମିତିକି: ଡାଲ୍ ହ୍ରଦ, ସାଲିମାର୍ ଗାର୍ଡେନ୍, ମୁଗଲ୍ ଗାର୍ଡେନ୍, ପରୀ ମହଲ, ହରି ପର୍ବତ ଦୁର୍ଗ ଇତ୍ୟାଦି ଅନ୍ୟତମ।

**କେବେ ଓ କେମିତି ଯିବେ:** ଅୱନ୍ତିପୋରାକୁ ବୁଲିଯିବା ପାଇଁ ଏପ୍ରିଲ୍‌ରୁ ନଭେମ୍ବର ହେଉଛି ସବୁଠୁ ଭଲ ସମୟ। କାରଣ ଏହି ସମୟରେ ଏଠାକାର ତାପମାତ୍ରା ପ୍ରାୟ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିଥାଏ, ଯଦ୍ୱାରା ବୁଲାବୁଲି କରିବାକୁ ସୁବିଧା ହୁଏ। ନଚେତ୍ ଅନ୍ୟ ଦିନଗୁଡ଼ିକରେ ଏଠାରେ ପ୍ରଚୁର ଥଣ୍ଡା ହୁଏ, ଏପରିକି ବେଳେବେଳେ ପ୍ରବଳ ତୁଷାରପାତ ମଧ୍ୟ ହୋଇଥାଏ। ସେହିପରି ଏଠାକୁ ଯିବା ପାଇଁ ଟ୍ରେନ୍ ହେଉ ଅବା ବସ୍ ତଥା ବିମାନର ମଧ୍ୟ ଭଲ ସୁବିଧା ରହିଛି।



# ଗିଟାର ସହ ତାଳ ଦେଇ ଶୁଆ ଗାଉଛି ଗୀତ







ଶୁଆ ଅନୁକରଣ କରି ମଣିଷ ଭଳି କଥା ହୋଇପାରେ ତାହା ସମସ୍ତେ ଜାଣନ୍ତି । ହେଲେ ନିକଟରେ ସୋସିଆଲ ମିଡିଆରେ ଟିକୋ ନାମକ ଏକ ଶୁଆ ବେଶ୍ ସୁନ୍ଦରଭାବେ କ୍ଲାସିକାଲ୍ ରକ୍ ଗାଇ ସମସ୍ତଙ୍କ ହୃଦୟ ଜିଣିଛି । ସେ ପୁଣି ଗିଟାରର ଧୂନ ସହ ତାଳ ମିଶାଇ ବେଶ୍ ଚମତ୍କାରଭାବେ ଗୀତ ଗାଇପାରୁଛି । ତେଣୁ ସୋସିଆଲ ମିଡିଆରେ ଏବେ ଏହି ଶୁଆ 'ଟିକୋ ଦ ପ୍ୟାରୋଟ୍' ନାମରେ ବେଶ୍ ଲୋକପ୍ରିୟ ହୋଇଛି । ଭିଡିଓରେ ଦେଖିପାରିବେ ଜଣେ ବ୍ୟକ୍ତି ଗିଟାର ବଜାଉଛନ୍ତି ଓ ତାଙ୍କ ପାଖରେ ବସିଥିବା ଶୁଆଟି ବେଶ୍ ସୁରିଲା ସ୍ୱରରେ ଗୀତ ଗାଉଛି । ୩୩ ସେକେଣ୍ଡର ଏହି ଭିଡିଓକୁ ଦେଖି ଅନେକେ ବିଶ୍ୱାସ କରିପାରୁ ନାହାନ୍ତି ଯେ, ଏକ ଶୁଆ କେମିତି ଏତେ ମଧୁର କଣ୍ଠରେ କ୍ଲାସିକାଲ୍ ରକ୍ ଗୀତ ଗାଇପାରୁଛି ବୋଲି ।

## କାର୍ଟୁନ କର୍ନର



# ଲଙ୍କା ଦହନ ପାଇଁ ହନୁମାନଙ୍କୁ ଶ୍ରୀରାମଙ୍କ ଆଜ୍ଞା ଥିଲା

(ପୂର୍ବ ପ୍ରକାଶିତ ଉତ୍ତାରୁ... )

ଗୋସ୍ୱାମୀ ତୁଳସୀ ଦାସ ତ୍ରିଜଟାର ମୁହଁରେ କୁହାଇଛନ୍ତି –
'ସପନେ ବାନର ଲଙ୍କା ଜାରି ।
ଜାତୁଧାନ ସେନା ସବ ମାରି ।'
ଏହା ଶୁଣି ମୁଁ ଭ୍ରମରେ ପଡ଼ିଗଲି । ତ୍ରିଜଟାର ପ୍ରଥମ ସ୍ୱପ୍ନ କଥା ତ ସତ୍ୟ । ଏକ ମର୍କଟ ଲଙ୍କାକୁ ଆସିଛି ବୋଲି ସେ କହିଲା । ଏହା ଶୁଣି ମୁଁ ତ ନିଜକୁ ବିଶ୍ୱାସ କରିପାରିଲି ନାହିଁ ଆଜ୍ଞା । ହେଲେ ସ୍ୱପ୍ନର ଦ୍ୱିତୀୟ କଥା – ମର୍କଟଟି ଲଙ୍କାକୁ ଜାଳିଦେବ । ଏ ପଦ ଶୁଣି ମୁଁ ସ୍ତମ୍ଭୀଭୂତ ହୋଇଗଲି । ସ୍ୱପ୍ନର ପ୍ରଥମ ଅଂଶଟା ଠିକ୍ ମାନେ ଦ୍ୱିତୀୟ ଅଂଶ ବି ନିଶ୍ଚୟ ସତ୍ୟ ହେବ । ଏହାଛଡା ସ୍ୱପ୍ନ ଦେଖିବା ଲୋକ ବି ଯାହିତାହି ଲୋକ ନୁହେଁ । ବାପା ବିଭୀଷଣଙ୍କ ପରି ତ୍ରିଜଟା ବି ଜଣେ ରାମ ଭକ୍ତ । ତେଣୁ ଜଣେ ସନ୍ଥ ଦେଖିଥିବା ସ୍ୱପ୍ନର ଅର୍ଦ୍ଧେକ ସତ୍ୟ ହେବ ଏବଂ ଆର ଅର୍ଦ୍ଧେକ ମିଥ୍ୟା ହେବ, ଏପରି ତ ହେବା ଅସମ୍ଭବ । ଆପଣ ତ ପ୍ରତ୍ୟକ୍ଷରେ ଏ କାର୍ଯ୍ୟ କରିବା ପାଇଁ କହିନାହାନ୍ତି । ଏବେ ଜଣେ ସନ୍ଥଙ୍କ ମାଧ୍ୟମରେ ସୂଚନା ଦେବାର ଅର୍ଥ ଏ କାମ କରିବା ପାଇଁ ମୋତେ ଆପଣଙ୍କ ପରୋକ୍ଷ ନିର୍ଦ୍ଦେଶ । ପ୍ରତ୍ୟକ୍ଷ ଭାବେ ଆପଣ ନିର୍ଦ୍ଦେଶ ଦେଇଥିଲେ ଆପଣଙ୍କ



## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

'ମର୍ଯ୍ୟାଦା ପୁରୁଷୋତ୍ତମ ' ବିଶେଷଣରେ ନିଶ୍ଚେ କଳଙ୍କ ଲାଗିଯାଇଥାନ୍ତା । ଜଗତ କହିଥାନ୍ତା – ତୁମ ଅବତାରୀ ରାମ କେମିତିକା ଠାକୁର ମ ? ଠାକୁର କ'ଣ କେବେ କାହା ଘରେ ନିଆଁ ଲଗେଇବାକୁ ନିର୍ଦ୍ଦେଶ ଦେଇପାରନ୍ତି ? ବଡ଼ ଅନର୍ଥ ହୋଇ ଯାଇଥାନ୍ତା ପ୍ରଭୁ ।


ତ୍ରିଜଟାର ସ୍ୱପ୍ନ ଅନୁସାରେ ଆପଣ ନିଜର ସଂକଳ୍ପ ବଳରେ ଲଙ୍କାକୁ ଦହନ କରିସାରିବା ପରେ ତା' ସ୍ୱପ୍ନ ମାଧ୍ୟମରେ ମୋତେ ସୂଚନା ଦେଉଛନ୍ତି ବୋଲି ମୋର ହୃଦ୍‌ବୋଧ ହେଲା । ଜଗତ ଜାଣିବା ପାଇଁ ସିନା ଲଙ୍କା ପୋଡ଼ି ଶେଷରେ ହେଲା କିନ୍ତୁ ତା' ପୂର୍ବରୁ ଆପଣ ସେ କାମ ପ୍ରଥମେ ସାରି ଦେଇଥିଲେ ।

ଜାମ୍ବବାନ ଆଡକୁ ହନୁମାନ ବୁଲିପଡ଼ି କହିଲେ, ଆଜ୍ଞା, ଏଇଥିପାଇଁ କାର୍ଯ୍ୟର କ୍ରମ ବଦଳେଇ କହିଥିଲି –ନାଘି ସିନ୍ଧୁ ହାଟକପୂର ଜାରା.... । ଆପଣ କୁହନ୍ତୁ ଏହା ମିଛ ହୋଇ ପାରେ କି ? ଜାମ୍ବବାନ ସବୁ କଥା ବୁଝି ପାରିଲେ ।

ମହାଭାରତ ଯୁଦ୍ଧ ପଡ଼ିଆରେ ଶ୍ରୀକୃଷ୍ଣଙ୍କ ବିରାଟ ରୂପରେ କ୍ଷତ୍ରିୟ ଯୋଦ୍ଧାମାନଙ୍କ ନିଧନ ଦେଖି ଅର୍ଜୁନ ବାସ୍ତବିକ ସନ୍ଦେହରେ ପଡ଼ିଗଲେ । ଆଶ୍ଚର୍ଯ୍ୟ ହୋଇ ପ୍ରଭୁଙ୍କୁ ପଚାରିଲେ – ହେ ଭଗବାନ ! ଭୀଷ୍ମ, ଦ୍ରୋଣ, କର୍ଣ୍ଣ ଆଦି ବୀରମାନଙ୍କୁ ମାରିବାକୁ ହେବ ନା ଏମାନେ ମରି ସାରିଛନ୍ତି ? ଏହାର ଉତ୍ତରରେ ଭଗବାନ କହିଲେ – ମୟେବୈତା ନିହତା ପୂର୍ବମେବ ନିମିତ୍ତ ମାତ୍ର ଭ ସବ୍ୟସାଚିନ ।

ହେ ଅର୍ଜୁନ ! ଏମାନଙ୍କୁ ମୁଁ ପୂର୍ବରୁ ନାଶି ସାରିଛି । ତୁ କେବଳ ନିମିତ୍ତ ମାତ୍ର ହେବୁ ।

ଏଠି ଠିକ୍ ସମାନ ଘଟଣା ଘଟିଛି । ତ୍ରିଜଟାଙ୍କ ସ୍ୱପ୍ନ ମାଧ୍ୟମରେ ପ୍ରଭୁ ଶ୍ରୀରାମ



ସତେ ଅବା କହୁଛନ୍ତି – ହେ ହନୁମାନ ! ଲଙ୍କା ଦହନ ମୁଁ କରିସାରିଛି । କେବଳ ମାତ୍ର ତୁମର ଅଭିନୟ ବାକି ଅଛି ।

ତେଣୁ କ୍ରମ ବଦଳେଇ ହନୁମାନ ଯାହା କହିଛନ୍ତି ତାହା ପୂରା ଠିକ୍ । ଭାବଗତ ଦୃଷ୍ଟିରୁ ସେ ଆଦୌ ମିଛ କହିନାହାନ୍ତି । ଭକ୍ତ ଆଉ ଭଗବାନଙ୍କ ଭିତରେ ନିରନ୍ତର ଚାଲୁଥିବା ଭାବର କଥାକୁ ବାହାରର ତଥାକଥିତ ପଣ୍ଡିତମାନେ ଜାଣିବେ କେମିତି ? ଲଙ୍କା ଦହନ କରି ସେ ଦୂତ ଧର୍ମର ଆଦୌ ବିରୁଦ୍ଧାଚରଣ କରିନାହାନ୍ତି କି ବିନା ଆଜ୍ଞାରେ ଲଙ୍କା ଦହନ କରିଥିବାର ଯେଉଁ ଆରୋପ ହନୁମାନଙ୍କ ଉପରେ ଆତ୍ମଘୋଷିତ ଜ୍ଞାନୀମାନେ କରୁଛନ୍ତି, ତାହା ସମ୍ପୂର୍ଣ୍ଣ ନିରାଧାର । ଏପରି ଅଭିଯୋଗ କରି ସେଇ ପଣ୍ଡିତମାନେ ନିଜ ନିର୍ବୋଧପଣିଆକୁ ବାହାରେ ପ୍ରକାଶ କରୁଛନ୍ତି ଯାହା ।

ହନୁମାନ କହିଲେ, ପ୍ରଭୁ ମୁଁ ତ ଜାଣିଲି ଯେ ଏହା ଆପଣଙ୍କ ପରୋକ୍ଷ ନିର୍ଦ୍ଦେଶ ବୋଲି କିନ୍ତୁ ମନେ ମନେ ଆପଣଙ୍କୁ ପ୍ରାର୍ଥନା କଲି ଯେ ଆଉ ଟିକେ ପରିଷ୍କାର ଭାବେ କଥାଟି ଖୋଲି କହିଲେ ମୁଁ ଟିକେ ନିଶ୍ଚିତ ହୁଅନ୍ତି । ଲଙ୍କାପୋଡ଼ି ମାନେ ଏକ ବିରାଟ କାର୍ଯ୍ୟ । ଯଦି କରିଦେବି କାଳେ ଭୁଲ ହୋଇଯିବ । ଆପଣଙ୍କ ଯଶ ଆଉ କୀର୍ତ୍ତିରେ କଳଙ୍କ ଲାଗିଯିବ ।

ହନୁମାନ କହୁଥାନ୍ତି । ପ୍ରଭୁ ବି ହନୁମାନଙ୍କର ଏହି ନିରଭିମାନ କଥାଗୁଡ଼ିକୁ ଭଲ ଭାବରେ ଶ୍ରବଣ କରୁଥାନ୍ତି । ହନୁମାନ ହାତଯୋଡ଼ି କହିଲେ –ଆଜ୍ଞା, ଆପଣ ଅନ୍ତର୍ଯ୍ୟାମୀ । ପ୍ରାର୍ଥନା ଶୁଣିଲେ । ପ୍ରଥମେ ତ୍ରିଜଟା ମାଧ୍ୟମରେ ସୂଚନା ଦେଲେ । ପରେ ମୋତେ ନିଶ୍ଚିତ କରିବା ପାଇଁ ରାବଣ ଦ୍ୱାରା କଥାଟା ପୂରା ଖୋଲିଦେଲେ । ମେଘନାଦ ମୋତେ ନାଗ ଫାଶରେ ବାନ୍ଧି ରାବଣ ପାଖକୁ ନେଇଗଲା । ମୁଁ କ'ଣ ସହଜରେ ବାନ୍ଧି ହୋଇଥାନ୍ତି । କେବଳ ଆପଣଙ୍କ କାର୍ଯ୍ୟ ( ଲଙ୍କା ଦହନ ) ଲାଗି ବନ୍ଧା ହୋଇଗଲି । ରାବଣକୁ ବହୁତ ପ୍ରକାରେ ବୁଝେଇଲି । ସେ କିଛି ଶୁଣିବାକୁ ପ୍ରସ୍ତୁତ ନ ଥିଲା । ଓଲଟି ଆଦେଶ ଦେଲା – ବେଗି ନ ହରହୁ ମୂଢ଼ କର ପ୍ରାର୍ଥନା । ମୁଁ ଏଇଠି ଚିନ୍ତା କଲି ରାବଣ ଯଦି ମୋତେ ମାରିଦେବ ତେବେ ତ୍ରିଜଟାର ସ୍ୱପ୍ନ କ'ଣ ସ୍ୱପ୍ନରେ ରହିଯିବ ? ଭାବନା ଶେଷ ହୋଇନି ଆପଣ ପୁଣି ବିଭୀଷଣଙ୍କୁ ପ୍ରେରିତ କଲେ । ବିଭୀଷଣ ଭାଇ ରାବଣକୁ ନୀତିବାଣୀ ଶୁଣାଇ ବିନୀତ ହୋଇ କହିଲା –ମହାରାଜ, ଦୂତ କଦାପି ବଧ ଯୋଗ୍ୟ ନୁହେଁ । ଆଉ ଯଦି କିଛି ଦଣ୍ଡ ଥାଏ ତେବେ ଦିଅନ୍ତୁ । ଆପଣଙ୍କ ସୁନାମ ବଢ଼ିବ ।

ସେତେବେଳେ ପର୍ଯ୍ୟନ୍ତ ବି ମୁଁ ଜାଣି ପାରୁ ନ ଥାଏ ଯେ ଲଙ୍କା ଦହନ ନିମନ୍ତେ ପ୍ରକ୍ରିୟାଟା କେଉଁ ଢଙ୍ଗରେ ଆପଣ କରାଉଛନ୍ତି । କିନ୍ତୁ ରାବଣ ଯେତେବେଳେ ଘୋଷଣା କଲା ––
'କପି କେଁ ମମତା ପୁଛ ପର ସବହି କହଉଁ ସମୁଝାଇ
ତେଲ ବୋରି ପଟ ବାଁଧି ପୁନି ପାୱକ ଦେହୁ ଲଗାଇ ।'

ହଁ ଆଜ୍ଞା, ଏବେ ମୁଁ ଦୃଢ଼ ହୋଇଗଲି ଯେ ଲଙ୍କାପୋଡ଼ି ପାଇଁ ଆପଣଙ୍କ ଆଦେଶ ଅଛି । ମର୍କଟ ଲାଙ୍ଗୁଡ଼ରେ ତୈଳ ଯୁକ୍ତ କନା ଗୁଡ଼ାଇ ଅଗ୍ନି ସଂଯୋଗ କଲେ ସେ କ'ଣ ସ୍ଥିର ହୋଇ ରହିପାରିବ ? ତେଣୁ ମୁଁ ଲଙ୍କାର ଏମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ ଚାରିଆଡେ ଦୌଡିଲି । ଏତେ ବଡ଼ ଲଙ୍କା ନଗରୀକୁ କ'ଣ ମୁଁ ଏକୁଟିଆ ପୋଡ଼ିପାରି ଥାନ୍ତି, ଯଦି ଏଠି ବି ଆପଣ ସାହାଯ୍ୟ କରି ନ ଥାନ୍ତେ । ମୁଁ କ'ଣ ପବନ ଦେବତାଙ୍କୁ ଅନୁରୋଧ କରିଥିଲି କି ଜୋରରେ ବହିବାକୁ । ଆପଣ ନିଶ୍ଚେ ନିର୍ଦ୍ଦେଶ ଦେଇଥିଲେ ।

ଏହାକୁ ଗୋସ୍ୱାମୀ କଲମ କଲେ :–
'ହରି ପ୍ରେରିତ ତେହି ଅବସର ଚଲେ ମରୁତ ଉନଚାଶ
ଅଟହାସ୍ୟ କରି ଗର୍ଜା କପି ବଢ଼ି ଲାଗ ଅକାସ ।'

ପାଠକେ ! ଏଠାରେ ଦେଖନ୍ତୁ । ହନୁମାନଙ୍କୁ ଲଙ୍କା ଦହନରେ ସହଯୋଗ କରିବା ପାଇଁ ଅଣଚାଶ ପବନ ବହିଲା । ତା ପୁଣି କାହା ନିର୍ଦ୍ଦେଶରେ ? ସ୍ପଷ୍ଟ ଭାବରେ ଲିଖିତ ପ୍ରମାଣ ଅଛି – ହରି ପ୍ରେରିତ...

ଯେଉଁମାନେ ଯୁକ୍ତି କରୁଛନ୍ତି ଯେ, ବିନା ଆଜ୍ଞାରେ ହନୁମାନ କେମିତି ଲଙ୍କା ପୋଡ଼ି ପକେଇଲେ ବୋଲି, ସେମାନେ ହନୁମାନଙ୍କ କାର୍ଯ୍ୟାବଳୀକୁ ଭାବର ସହ ବୁଝିନାହାନ୍ତି । ଯଦି ହନୁମାନ ସେପରି କରିଥାନ୍ତେ, ତେବେ ସେ ଲଙ୍କାରୁ ଫେରି ଶ୍ରୀରାମଙ୍କ ପାଖରେ ପହଞ୍ଚୁ ପହଞ୍ଚୁ ପ୍ରଭୁ ତାଙ୍କୁ ବାଡ଼ି ଧରି ମାରିବାକୁ ଗୋଡ଼ାଇଥାନ୍ତେ । ସେମିତି କିଛି ହୋଇଛି କି ? ନା, ବରଂ ଶ୍ରୀରାମଙ୍କ ପାଖରେ ହନୁମାନ ପହଞ୍ଚିବା ପରେ ପ୍ରଭୁ ଅତ୍ୟନ୍ତ ପ୍ରସନ୍ନ ଚିତ୍ତରେ ପଚାରିଛନ୍ତି –
'କହୁ କପି ରାବଣ ପାଳିତ ଲଙ୍କା
କେହି ଧି ଦହେଉ ଦୁର୍ଗ ଅତି ବଙ୍କା ।।
ପ୍ରଭୁ ପ୍ରସନ୍ନ ଜାନା ହନୁମାନା
ବୋଲା ବଚନ ବିଗତ ଅଭିମାନା ।।'

ପାଠକେ ! ଆସନ୍ତୁ ଲଙ୍କା ଦହନ ପ୍ରକ୍ରିୟାକୁ ଟିକେ ଜ୍ଞାନ ନେତ୍ରରେ ବିଚାର କରିବା । ଚାରିଆଡେ ନିଆଁ ଲାଗିବା ମାତ୍ରେ ରାବଣ ଅଗ୍ନି ଦେବତାଙ୍କୁ ନାଲିଆଖି ଦେଖାଇବାରୁ ଅଗ୍ନି ଦେବତା ନିର୍ବାପିତ ହୋଇଗଲେ । ଏହା ଦେଖି ହନୁମାନ ନିଜ କପାଳରୁ ବ୍ରହ୍ମ ଅଗ୍ନି ସୃଷ୍ଟି କଲେ । ବ୍ରହ୍ମ ଅଗ୍ନି ମାନେ ଜ୍ଞାନର ଅଗ୍ନି । ଗାଁକୁ ନେତା ବା ମନ୍ତ୍ରୀ ଆସିବାକୁ ଥିଲେ ମାସକ ଆଗରୁ ସଫାସଫି, କ୍ଷେତ୍ର ପ୍ରସ୍ତୁତି ଆଦି କାର୍ଯ୍ୟକ୍ରମ ଚାଲେ । ପରମ ପୁରୁଷ ପ୍ରଭୁ ଯେତେବେଳେ କିଛି ଦିନ ପରେ ତାମସିକ ରାଜ୍ୟ ଲଙ୍କାରେ ପ୍ରବେଶ କରିବାର ଅଛି, ତା ପୂର୍ବରୁ ହନୁମାନ ଯାଇ ବ୍ରହ୍ମ ବା ଜ୍ଞାନର ଅଗ୍ନି ଜାଳି ପରିବେଶଟିକୁ ପବିତ୍ର କରିଦେଇ ଆସିଲେ ବୋଲି ବୁଝିବାକୁ ପଡ଼ିବ ।


ତେଣୁ ପ୍ରଭୁଙ୍କ ଆଜ୍ଞାରେ ସବୁକିଛି ହୋଇଛି । ହନୁମାନ କେବଳ ନିମିତ୍ତମାତ୍ର ।

*–ଦିବ୍ୟାଲୋକ ସନ୍ଧାନେ,*
*ରାମନଗର, ତେଲେଙ୍ଗାପେଣ୍ଠ, କଟକ*

## ସୁଖ ନିଦ୍ରା ...

ନିଦ ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ରାତିରେ ଭଲ ନିଦ ହେଲେ, ତା' ପରଦିନ ଶରୀର ଓ ମସ୍ତିଷ୍କ ଫୂର୍ତ୍ତି ରହିଥାଏ। ଆଉ ଯଦି ଭଲ ନିଦ ନ ହୁଏ, ତା'ହେଲେ ଥକ୍କା ଲାଗିବା ସହ ମୁହଁ ଶୁଖିଲା ଦିଶେ ଏବଂ ଦିନସାରା ଚିଡ଼ିଚିଡ଼ା ଲାଗେ। ବାସ୍ତୁଶାସ୍ତ୍ର ଅନୁଯାୟୀ, ରାତିରେ ଠିକ୍‌ରେ ନିଦ ନ ହେବା ପଛରେ ବି ବ୍ୟକ୍ତିଙ୍କର ଶୋଇବା ଶୈଳୀ ଅନେକ ପ୍ରଭାବ ପକାଇଥାଏ, ଯେମିତିକି–

*ବାସ୍ତୁଶାସ୍ତ୍ର ଅନୁସାରେ, କେବେ ବି ଭଙ୍ଗା ଖଟ କିମ୍ବା ଅପରିଷ୍କାର ଶେଯରେ ଶୋଇବା କଥା ନୁହେଁ। କାରଣ ଅପରିଷ୍କାର ଶେଯରେ



ଶୋଇଲେ ଶରୀର ରୋଗଗ୍ରସ୍ତ ହେବା ସହ ନିଦରେ ବାଧା ସୃଷ୍ଟି ହୋଇଥାଏ । ସେହିପରି ନିବସ୍ତ୍ର ହୋଇ ଶୋଇବା ମଧ୍ୟ ଆଦୌ ଉଚିତ୍ ନୁହେଁ।


* ସେହିପରି କେବେ ବି ଅଇଁଠା ମୁହଁରେ ଶୋଇବା କଥା ନୁହେଁ। ଶୋଇବା ପୂର୍ବରୁ ସର୍ବଦା ମୁହଁ, ହାତ ଓ ଗୋଡ଼ ଧୋଇବା ଆବଶ୍ୟକ । ଏପରି କଲେ ରାତିରେ ଭଲ ନିଦ ହୋଇଥାଏ ନଚେତ୍ ବାରମ୍ବାର ନିଦ ଭାଙ୍ଗିଯାଏ ।

* ତା'ଛଡ଼ା ପୂର୍ବ ଦିଗକୁ ମୁଣ୍ଡ କରି ଶୋଇଲେ ବ୍ୟକ୍ତିଙ୍କ ଉପରେ ସକାରାତ୍ମକ ପ୍ରଭାବ ପଡ଼ିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି, ଯଦ୍ଦ୍ୱାରା ବ୍ୟକ୍ତିଙ୍କର କାର୍ଯ୍ୟ କରିବାର କ୍ଷମତା ବୃଦ୍ଧି ପାଇବା ସହ ଦୃଷ୍ଟି ଶକ୍ତି ମଧ୍ୟ ତୀକ୍ଷ୍ଣ ହୋଇଥାଏ ।

*ଉତ୍ତର କିମ୍ବା ପଶ୍ଚିମ ଦିଗକୁ କେବେ ବି ମୁଣ୍ଡ କରି ଶୋଇବା କଥା ନୁହେଁ। ଏହାଦ୍ୱାରା ମୁଣ୍ଡରେ ବିଭିନ୍ନ ପ୍ରକାର ନକାରାତ୍ମକ ଚିନ୍ତାଧାରା ସୃଷ୍ଟି ହୋଇଥାଏ । ତା'ଛଡ଼ା ଏହି ଦିଗକୁ ମୁଣ୍ଡ କରି ଶୋଇଲେ ବ୍ୟକ୍ତି ରୋଗଗ୍ରସ୍ତ ମଧ୍ୟ ହୋଇଥାନ୍ତି ।

*କିନ୍ତୁ ବାସ୍ତୁଶାସ୍ତ୍ର ଅନୁଯାୟୀ, ଦକ୍ଷିଣ ଦିଗକୁ ମୁଣ୍ଡ କରି ଶୋଇଲେ ଭଲ ନିଦ ହେବା ସହ ଘରେ ସୁଖ–ସମୃଦ୍ଧି ବୃଦ୍ଧି ପାଇଥାଏ ।

ବ୍ୟାକ୍ ପେଜ୍













# ଇନ୍‌ଷ୍ଟାଗ୍ରାମ ସେନସେସନ୍ ପାଲଟିଛି ବିଲେଇ

ଦୁବାଇର ଗଳିରେ ବୁଲୁଥିଲା ଏକ ମୋଟା ସୁସ୍ଥସବଳ ସୁନ୍ଦର ବିଲେଇ। ତାକୁ ତା'ର ମାଲିକ ରାସ୍ତାରେ ଛାଡ଼ି ଚାଲିଯାଇଥିଲେ। ଏଇ ବିଲେଇକୁ ଦେଖିଥିଲେ ଆମେରିକାର ଏକ ଦମ୍ପତି। ଆଉ ବିଲେଇଟି ତାଙ୍କୁ ବହୁତ ଭଲ ଲାଗିଥିଲା। ସେମାନେ ତାକୁ ନିଜ ସହ ଆମେରିକା ନେଇ ଆସିଲେ। ନାଁ ଦେଲେ 'ବେନସନ୍'। କିଛିଦିନ ପରେ ସେମାନେ ଦେଖିଲେ ବେନ୍‌ସନ୍ ଫଟୋ ଉଠାଇବାବେଳେ ବହୁତ ଭଲରେ ବସୁଛି ଓ ସୁନ୍ଦର ପୋଜ୍ ଦେଉଛି। ସନ୍‌ଗ୍ଲାସ୍ ଲଗେଇବାକୁ ବି ଭଲ ପାଉଛି। ତା'ସହ ତା'ର ଚାଲି ବହୁତ ସୁନ୍ଦର। ପୂରା ମଡେଲଙ୍କ କ୍ୟାଟୱାକ୍ ପରି। ତେଣୁ ତାକୁ କିଛି ଫ୍ୟାଶନେବଲ୍ ପୋଷାକ ପିନ୍ଧେଇବାକୁ ଭାବିଲେ। ସୁନ୍ଦର ପୋଷାକ ପିନ୍ଧାଇ ଫଟୋ ବି ଉଠାଇଲେ। ସୋସିଆଲ ମିଡିଆରେ ପୋଷ୍ଟ କଲେ। ଲୋକମାନେ ତା'ର ଫଟୋକୁ ବହୁତ ପସନ୍ଦ କଲେ। ଋତୁ ଅନୁସାରେ ତାକୁ ଷ୍ଟାଇଲିସ୍ ପୋଷାକ ବି ପିନ୍ଧେଇଲେ। ବେନ୍‌ସନ୍ ପୋଷାକ ପିନ୍ଧିବାକୁ ଆଦୌ ବିରକ୍ତି ପ୍ରକାଶ କରେ ନାହିଁ। ବରଂ ଖୁସିରେ ପିନ୍ଧି ଫଟୋ ପାଇଁ ପୋଜ୍ ଦିଏ। ତେଣୁ ଏବେ ସେ ପାଲଟିଛି ଇନ୍‌ଷ୍ଟାଗ୍ରାମ ସେନସେସନ୍।

# ଅମ୍ଳଜାନ ପାଇଁ ଚଢ଼ିଲେ ଗଛ



କରୋନାରେ ଆକ୍ରାନ୍ତ ବ୍ୟକ୍ତିଙ୍କଠାରେ ସାଧାରଣତଃ ଅମ୍ଳଜାନ ଅଭାବରୁ ସମସ୍ୟା ଦେଖା ଦେଇଥାଏ। ଏମିତିରେ କିଛି ଡାକ୍ତରଖାନାରେ ଅମ୍ଳଜାନ ଯୋଗାଇପାରୁ ନ ଥିବାରୁ ଅନେକ ରୋଗୀ ମୃତ୍ୟୁବରଣ ବି କରିଛନ୍ତି। ଏହି ସମସ୍ୟାକୁ ଦେଖି ଇନ୍ଦୋରର ଜଣେ ୬୮ ବର୍ଷୀୟ ବୃଦ୍ଧ ଅମ୍ଳଜାନ ପାଇବାର ଏକ ବହୁତ ବଢ଼ିଆ ଉପାୟ ଆପଣେଇଛନ୍ତି। ତାଜା ଅମ୍ଳଜାନ ପାଇବା ପାଇଁ ଘର ନିକଟରେ ଥିବା ଏକ ମସ୍ତବଡ଼ ଓସ୍ତ ଗଛ ଉପରେ ସେ ଡେରା ପକେଇ ରହୁଛନ୍ତି। ଗଛ ଉପରେ ବସି ଖାଇବା ସହ ସେ ଯୋଗ ବି କରୁଛନ୍ତି। ସକାଳ ସନ୍ଧ୍ୟା ମିଶାଇ ୭-୮ ଘଣ୍ଟା ସେ ଓସ୍ତ ଗଛ ଉପରେ ବସି ରହୁଛନ୍ତି। ଏହି ବ୍ୟକ୍ତିଙ୍କ ନାମ ହେଉଛି ରାଜେନ୍ଦ୍ର ପାଟିଦାର। ସେ ଯେବେ ଶୁଣିଲେ ଇନ୍ଦୋର ଡାକ୍ତରଖାନାଗୁଡ଼ିକରେ ଅମ୍ଳଜାନର ଅଭାବ ଯୋଗୁ ଅନେକ କୋଭିଡ ଆକ୍ରାନ୍ତ ମୃତ୍ୟୁବରଣ କରୁଛନ୍ତି, ସେ ଘରକୁ ଲାଗି ରହିଥିବା ଓସ୍ତଗଛ ଉପରେ କିଛି ସମୟ ବିତାଇ ତାଜା ଅମ୍ଳଜାନ ପାଇବାକୁ ନିଷ୍ପତ୍ତି ନେଲେ। ରାଜେନ୍ଦ୍ର ଗଛ ଚଢ଼ିବାରେ ବେଶ୍ ପାରଙ୍ଗମ। ସେ ଗଛ ଚଢ଼ିବାବେଳେ ଏକ ଚଉକି ବି ସାଙ୍ଗରେ ନେଇକି ଯାଆନ୍ତି। ଆଉ ଗଛର ଶାଖା ଭିତରେ ସନ୍ତୁଳନ ରକ୍ଷା କରି ଚେୟାରକୁ ରଖି ତା'ଉପରେ ବେଶ୍ ଆରାମରେ ବସନ୍ତି। ତା'ସହ ଯୋଗ ବି କରନ୍ତି। ସେ କୁହନ୍ତି, ଓସ୍ତ ଗଛ ଉପରେ ସମୟ ବିତାଇବା ଓ ଯୋଗ କରିବା ଯୋଗୁ ମୋର ଅମ୍ଳଜାନ ସ୍ତର ୯୯% ରହୁଛି। ତା'ସହ ଗଛ ଚଢ଼ିବା ଓହ୍ଲାଇବା ଯୋଗୁ ଶାରୀରିକ ବ୍ୟାୟାମ ବି ହୋଇ ଯାଉଛି। ରାଜେନ୍ଦ୍ରଙ୍କୁ ଦେଖି ଗାଁର ଅନ୍ୟ ଲୋକ ବି ଅମ୍ଳଜାନ ପାଇଁ ଏହି ରାସ୍ତା ଆପଣେଇବାକୁ ପ୍ରେରଣା ପାଇଛନ୍ତି। ସେହିଭଳି ଆଗ୍ରାର ବରୋଲି ଅହିର ଗ୍ରାମପଞ୍ଚାୟତର ନୌବରୀ ଗାଁରେ ମଧ୍ୟ ଓସ୍ତଗଛ ଉପରେ ମଞ୍ଚା କରାଯାଇଛି। ଆଉ ଗାଁଲୋକ ଗଛ ଉପରେ ଚଢ଼ି କିଛି ସମୟ ସେହି ମଞ୍ଚା ଉପରେ ବସି ତାଜା ଅମ୍ଳଜାନ ପାଉଥିବା ଦେଖିବାକୁ ମିଳିଛି।

# ପୋଷାକ ବି ଚେୟାର ବି

ଏହା ଖାଲି ଏକ ପୋଷାକ ନୁହେଁ, ଚାହିଁଲେ ଏହାକୁ ଜଣେ ଚେୟାର୍‌ଭାବେ ମଧ୍ୟ ବ୍ୟବହାର କରିପାରିବେ। ଧଳା କଳା ରଙ୍ଗର ଏହି ପୋଷାକ ସହ ଏକ ସ୍ୱତନ୍ତ୍ର ଯୋଡ଼ା ଜୋତା ବି ପିନ୍ଧିବାକୁ ହୁଏ। ଜୋତାକୁ ପିନ୍ଧି ଚାଲିବା ସହ ପୋଷାକ ଭିତରକୁ ପବନ ପମ୍ପ ହୋଇଥାଏ। ଆଉ ପୋଷାକଟି ବେଲୁନ୍ ପରି ଫୁଲିଥାଏ। ଫଳରେ ଏହାକୁ ଏକ ବିନ୍ ବ୍ୟାଗ୍ ପରି ବ୍ୟବହାର କରି ତା' ଉପରେ କିଛି ସମୟ ବସି ବିଶ୍ରାମ ନେଇ ହେବ। ପୋଷାକ ପିନ୍ଧିଥିବା ମହିଳାଙ୍କ ଶରୀରର ଓଜନ ଯେତେ ଅଧିକ ହେବ ସେତେ ଶୀଘ୍ର ପବନ ପୋଷାକରୁ ବାହାରି ପୁଣିଥରେ ସାଧାରଣ ପୋଷାକ ପାଲଟିଯିବ। ତେଣୁ ଏହାକୁ ମର୍ନିଂ ଓ ଇଭନିଂ ୱାକ୍ ବେଳେ ପିନ୍ଧିକି ଗଲେ ୱାକ୍ ସହିତ ବିଶ୍ରାମ ବି ନେଇପାରିବେ।

